ଧରିତ୍ରୀ
DHARITRI

April 30-May 6, 2023 ₹2/-

# ଛୁଟିଦିନ



# ଶ୍ରମ ହିଁ ସାହାରା

ପ୍ରଚ୍ଛଦ ପ୍ରସଙ୍ଗ

୩

ଶ୍ରମକୁ ସାହାରା
କରି ପରିବାର ପ୍ରତିପୋଷଣ
କରିବା ସହ ନିଜ ପାଇଁ
ଏକ ପରିଚୟ ତିଆରି କରିଥିବା
ନାରୀମାନଙ୍କ କଥା...




# କେଉଁ ଅଙ୍ଗର କଳାଜାଇ କେତେ ଶୁଭ

**କଳାଜାଇକୁ ବ୍ୟୁଟି ସ୍ପଟ୍ ବୋଲି ବି କୁହାଯାଏ। ଏହା ମଧ୍ୟ ଅନେକ ସମୟରେ ଆମକୁ ଶୁଭ, ଅଶୁଭର ସୂଚନା ଦେଇଥାଏ। ତେବେ ଶରୀରର କେଉଁ ଅଙ୍ଗରେ କଳାଜାଇ ଥିଲେ କି ସୂଚନା ମିଳେ ଜାଣନ୍ତୁ ସେ ସମ୍ପର୍କରେ...**

*ନାକରେ କଳାଜାଇ ଥିବା ବ୍ୟକ୍ତି ଖୁବ୍ ଭାଗ୍ୟଶାଳୀ ହୋଇଥାନ୍ତି। ସେମାନେ ଜୀବନରେ ଖୁବ୍ ଉନ୍ନତି କରନ୍ତି। କଷ୍ଟ କରି ସଫଳତା ପାଇବାରେ ତାଙ୍କର ବିଶ୍ୱାସ ରହିଥାଏ। ସେଥିପାଇଁ ସମସ୍ତେ ତାଙ୍କୁ ଖୁବ୍ ଭଲ ପାଇଥାନ୍ତି।

*ଯେଉଁ ବ୍ୟକ୍ତିଙ୍କ ତାଲୁ ଉପରେ କଳାଜାଇ ଥାଏ ସେ ପୁରୁଷ



ହୁଅନ୍ତୁ ଅବା ମହିଳା, ସେମାନେ ଧନବାନ୍, ପ୍ରତିଷ୍ଠିତ ହେବା ସହ ଜୀବନରେ ଖୁବ୍ ଲୋକପ୍ରିୟତା ହାସଲ କରିଥାନ୍ତି।

*ହେଲେ ତାଲୁକୁ ଛାଡ଼ି ମୁଣ୍ଡର ଅନ୍ୟ କେଉଁ ସ୍ଥାନ ଯେପରିକି ପଛପଟ ଅଥବା ମଥାର ଡାହାଣ ପଟେ କଳାଜାଇ ରହିବା ସେତେଟା ଶୁଭଫଳ ଦେଇ ନଥାଏ। ଏହି ସ୍ଥାନରେ କଳାଜାଇ ଥିବା ବ୍ୟକ୍ତିଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ।

*କାନ ଉପରେ କଳାଜାଇ ରହିବା ବୁଦ୍ଧିମାନ ତଥା ଚତୁରତାର ସଙ୍କେତ ଦେଇଥାଏ। ଯେଉଁମାନଙ୍କର ଏହି ସ୍ଥାନରେ କଳାଜାଇ ଥାଏ, ସେମାନେ ନିଜ ବୁଦ୍ଧି ବଳରେ ବହୁତ ଟଙ୍କା ଅର୍ଜନ କରିଥାନ୍ତି। କିନ୍ତୁ ସ୍ୱଭାବରେ ଏମାନେ ଖୁବ୍ ଖର୍ଚ୍ଚୀ ବି ହୋଇଥାନ୍ତି।

*ବାମପଟ ଗାଲରେ କଳାଜାଇ ରହିବା ସେମିତି କିଛି ଶୁଭ ଫଳ ଦେଇ ନଥାଏ। ହେଲେ ଡାହାଣ ପଟ ଗାଲରେ କିମ୍ବା ମୁହଁର ମଝି ଭାଗରେ କଳାଜାଇ ରହିବା ଭାଗ୍ୟଶାଳୀର ପ୍ରତୀକ ହୋଇଥାଏ।

*ସେହିପରି କୁହାଯାଏ, ଯାହାଙ୍କର ଡାହାଣ ପଟ ପତା ଉପରେ କଳାଜାଇ ଥାଏ, ସେ ଧାର୍ମିକ ସ୍ୱଭାବର ହୋଇଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଏପ୍ରିଲ ୩୦ - ମେ ୬**

**ମେଷ**: ନୂତନ ଯୋଜନାରମ୍ଭ, କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଉନ୍ନତି, ପଡୋଶୀଙ୍କ ଅସହଯୋଗ, ବ୍ୟବସାୟରେ କ୍ଷତି, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା, କର୍ମକ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି, ଯାନ୍ତ୍ରିକ ତ୍ରୁଟି, ଯାତ୍ରାରେ ବିଘ୍ନ, ମନୋରଞ୍ଜନର ମଉକା, ବନ୍ଧୁମିଳନ ଘଟିବ ॥

**ବୃଷ**: କାର୍ଯ୍ୟସିଦ୍ଧି, ସ୍ୱାସ୍ଥ୍ୟୋନ୍ନତି, ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ସହଯୋଗ, ଆନୁଷ୍ଠାନିକ କାମରେ ବିଘ୍ନ, ଧର୍ମକାର୍ଯ୍ୟରେ ବ୍ୟୟ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ସଫଳତା, ଶୁଭଖବର ପ୍ରାପ୍ତି ॥

**ମିଥୁନ**: ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ, ବାଣିଜ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଋଣମୁକ୍ତ ହେବେ, ଶତ୍ରୁତାର ବିନାଶ ଘଟିବ, ବନ୍ଧୁସମ୍ପର୍କରେ ମଧୁରତା, ପାରିବାରିକ ଜଞ୍ଜାଳ, ମାନସିକ ସୁସ୍ଥତା ବ୍ୟାହତ, ଧର୍ମକାର୍ଯ୍ୟରେ ରୁଚି ॥

**କର୍କଟ**: ମାନସିକ ଦ୍ୱନ୍ଦ୍ୱ, ଅବସାଦ ଦୂର ହେବ, ବ୍ୟାପାରରେ ଲାଭ, ବନ୍ଧୁଙ୍କୁ ଆପଣେଇବେ, ମନୋରଞ୍ଜନ ପ୍ରୀତିପ୍ରଦ ହେବ, ବୃତ୍ତିରେ ସଫଳତା, କଳାସାହିତ୍ୟରେ ସମ୍ମାନ, ସଭାସମିତିକୁ ନିମନ୍ତ୍ରଣ ॥

**ସିଂହ**: ବନ୍ଧୁଙ୍କ ପ୍ରତାରଣା, ପ୍ରତିଶ୍ରୁତିରେ ଖିଲାପ, ପେଟ ଗୋଳମାଳ, ପରାଶ୍ରୟତାରୁ ଦୁଃଖ, ପରିସ୍ଥିତି ବଦଳିଯିବ, ଯୋଜନା ବିଗିଡିପାରେ, ନୂତନ ମିତ୍ରତା, ସଦ୍ଭାବ ଅକ୍ଷୁର୍ଣ୍ଣ ରହିବ, ସୁଖଶାନ୍ତି ବୃଦ୍ଧି, ନୀତିଗତ ନିଷ୍ପତି ନେବେ ॥

**କନ୍ୟା**: ଆକସ୍ମିକ କଳହ, ବନ୍ଧୁଙ୍କ ବଦାନ୍ୟତା, ବିଳମ୍ବରେ ସଫଳତା, ଦୂରଯାତ୍ରା, ସମାଲୋଚିତ ହେବେ, ତରବରିଆ ନିଷ୍ପତି, ହଇରାଣ ହେବେ, ତିର୍ଥାଟନର ଯୋଜନା, କାର୍ଯ୍ୟସିଦ୍ଧି ହେବ, ଗବେଷଣାରେ ଅଗ୍ରଗତି, ପ୍ରଶାସନିକ ସଫଳତା ॥

**ତୁଳା**: ସୁସମ୍ପର୍କ ବ୍ୟାହତ ହେବ, ପଡୋଶୀଙ୍କ ସାହାଯ୍ୟ, ରୋଜଗାର ବଢିବ, ବ୍ୟବସାୟରେ ଉନ୍ନତି, ମନୋବଳ ବଢିବ, ମାନସିକ ଅସ୍ଥିରତା, ଅପଦସ୍ତ ହେବେ, ନିର୍ମାଣର ପୂର୍ଣ୍ଣାଙ୍ଗ, ଘର ସାଜସଜ୍ଜା, ବ୍ୟସ୍ତ ରହିପାରନ୍ତି, ସାଂସ୍କୃତିକ କାର୍ଯ୍ୟରେ ଆଗ୍ରହ ॥

**ବିଛା**: ବିଶ୍ୱାସରୁ ବିଷାଦ, କ୍ଷତିରେ ପଡିବେ, ମିତ୍ରତାରେ କଳଙ୍କ, କ୍ରୀଡାରେ ସଫଳତା, ଯୋଗସାଧନାରେ ରୁଚି, ଦୃଢ ପଦକ୍ଷେପ ନେବେ, ଗୃହସୀମା ବିବାଦ, ସ୍ୱର୍ଣ୍ଣାଳଙ୍କାର ପ୍ରାପ୍ତି, ରୋଗପୀଡା କମିବ, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**: ଦୈହିକ ଦୁର୍ବଳତା, ଗୁରୁବର୍ଗଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ଦକ୍ଷତା, ଯୋଗରେ ରୁଚି, ପରିଜନଙ୍କ ସହ ଯାତ୍ରା, ମିତ୍ରତା ବୃଦ୍ଧି, ବନ୍ଧୁ ମିଳନ, ବିଳମ୍ବରେ ଦ୍ରବ୍ୟଲାଭ, ରାଜକୀୟ ସମ୍ମାନପ୍ରାପ୍ତି, ସମସ୍ୟା ସୁଧାରି ନେବେ ॥

**ମକର**: ପାରିବାରିକ ଦ୍ୱନ୍ଦ୍ୱ, ବୁଝାମଣାର ଅଭାବ, ମନମାରି ରହିପାରନ୍ତି, ବନ୍ଧୁସମ୍ପର୍କ ବୃଦ୍ଧି, ଲକ୍ଷ୍ୟହାସଲ କରିବେ, ଭାବପ୍ରବଣତା ବଢିବ, ମୂଲ୍ୟବାନ ଜିନିଷ କ୍ରୟ, କର୍ମକ୍ଷେତ୍ରରେ ନୂତନଦାୟିତ୍ୱ, ନିଜ ପରିସରରେ ପ୍ରତିଷ୍ଠା, ବସ୍ତ୍ର ଭୂଷଣପ୍ରାପ୍ତି ॥

**କୁମ୍ଭ**: ବିବାଦର ସମାଧାନ, ଉଚ୍ଚ ଚିନ୍ତା, ନୂତନ କର୍ମାରମ୍ଭ, ଆନୁସଙ୍ଗିକ ସହଯୋଗ, ସମ୍ପର୍କହାନୀ, ଆକସ୍ମିକ କଳହ, ସଙ୍ଗୀତ ଚଳଚ୍ଚିତ୍ରରେ ଉନ୍ନତି, ହୋଟେଲ ରେଷ୍ଟୁରାଣ୍ଟରେ ଲାଭ, କାମ ତ୍ୱରାନ୍ୱିତ ହେବ, ମନୋମାଳିନ୍ୟ ଦୂର ହେବ ॥

**ମୀନ**: ଯୋଜନା କାର୍ଯ୍ୟକାରୀ ହେବ, ଆର୍ଥିକ ଅନଟନ, ସୁସ୍ଥତା ଫେରି ଆସିବ, କଳାପ୍ରିୟ ହେବେ, ବନ୍ଧୁଙ୍କ ସାହାଯ୍ୟ, ଦୁଶ୍ଚିନ୍ତାର ମାତ୍ରା କମିଯିବ, ଦ୍ରବ୍ୟପ୍ରାପ୍ତିରୁ ଆନନ୍ଦ, ଯନ୍ତ୍ରଣା ଦୂର ହେବ, ବୁଝାମଣା ନେଇ ତିକ୍ତତା, ଆଶାପୂରଣ ହେବ ॥

# ସୌଭାଗ୍ୟ ଆଣେ ବାମ୍ବୋପ୍ଲାଣ୍ଟ



**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ବାମ୍ବୋ ପ୍ଲାଣ୍ଟ ହେଉଛି ଭାଗ୍ୟଶାଳୀ ତଥା ଶୁଭଫଳ ପ୍ରଦାନକାରୀ ଏକ ପ୍ରକାର ଗଛ। ଏହାକୁ ଘରେ ହେଉ ଅବା କର୍ମକ୍ଷେତ୍ରରେ ରଖିଲେ ଭାଗ୍ୟୋଦୟ ହେବା ସହ ବୈଭବ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ସେତିକି ନୁହେଁ, ବାମ୍ବୋପ୍ଲାଣ୍ଟ ପର୍ଯ୍ୟାବରଣକୁ ସଫାସୁତୁରା ରଖିବାରେ ମଧ୍ୟ ବେଶ୍ ସହାୟକ ହୋଇଥାଏ। ସେଥିପାଇଁ ଏହାକୁ ନାଚୁରାଲ୍ ଏୟାର୍ ପ୍ୟୁରିଫାୟର୍ ବୋଲି କୁହାଯାଏ। ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟକୁ ଘରର ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଊର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଅନ୍ୟପକ୍ଷେ ଏହାକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ କରାଯାଏ। ସବୁଠୁ ବଡ଼ କଥା ହେଉଛି ବାମ୍ବୋପ୍ଲାଣ୍ଟରେ ଦିଆଯାଇଥିବା ପାଣିକୁ ପ୍ରତି ସପ୍ତାହରେ ବଦଳାଇବା ଦରକାର; ଯଦ୍ୱାରା ଆର୍ଥିକସ୍ଥିତି ମଜଭୁତ୍ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତା'ଛଡ଼ା ବାମ୍ବୋପ୍ଲାଣ୍ଟକୁ ଘରର ଯେ କୌଣସି ସ୍ଥାନରେ ରଖାଯାଇପାରେ। ଏପରିକି ପତ୍ନୀପତିଙ୍କ ବେଡ୍‌ରୁମ୍‌ରେ ବି। କାରଣ ଏହା ପତ୍ନୀପତିଙ୍କ ଭିତରେ ଭଲପାଇବା ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ। ସେହିପରି କ୍ୟାରିୟର୍‌ରେ ସଫଳ ହେବାକୁ ଚାହୁଁଥିଲେ ଷ୍ଟଡିରୁମ୍‌ରେ ବାମ୍ବୋପ୍ଲାଣ୍ଟକୁ ରଖିବା ମଧ୍ୟ ବେଶ୍ ଉପକାରୀ ହୋଇଥାଏ।

# ପାଠକୀୟ

➢ ରୟାଲ ଏନ୍‌ଫିଲ୍ଡ, କେଟିଏମ୍, କାୱାସାକି ପରି ବାଇକ୍‌କୁ ଭୁମ୍.. ଭୁମ୍.. କରି ଯେବେ ଏମାନେ ରାସ୍ତାରେ ଚାଲିଯାଆନ୍ତି ଲୋକେ ଘଡ଼ିଏ ବୁଲି ବୁଲି ଚାହାନ୍ତି। କାରଣ ଏସବୁ ବାଇକ୍ ଉପରେ ଦିନେ ଥିଲା ପୁରୁଷଙ୍କର ଏକଚାଟିଆ ରାଜତ୍ୱ। ହେଲେ ଏବେ ଲେଡି ବାଇକର୍‌ମାନେ ସମାଜର କଟକଣା ଓ କଟାକ୍ଷକୁ ପାଦରେ ଦଳି ଏହାକୁ ଚଳାଉଛନ୍ତି ବେଶ୍ ବିନ୍ଦାସ୍‌ରେ। ତେଣୁ କେତେଜଣ 'ଲେଡ଼ି ବାଇକର୍ସ'ଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ପ୍ରେରଣାଦାୟୀ ଥିଲା।

*– ରୋନିତ୍ ସାହୁ, ସାମନ୍ତରାପୁର, ଭୁବନେଶ୍ୱର*

➢ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଲେଡ଼ି ବାଇକର୍ସ' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସେବା ଓ ସର୍ଜନାର ଦୀପ୍ତି: କମଳା ଶତପଥୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପୁନରାବୃତ୍ତି', 'ନିରୁଦ୍ଦିଷ୍ଟ-୨' ଶୀର୍ଷକ କବିତା ଦୁଇଟି ବେଶ୍ ହୃଦୟଛୁଆଁ ହୋଇଥିଲା।

*– ଅବିନାଶ ମହାନ୍ତି, ଲିଙ୍କ୍ ରୋଡ୍, କଟକ*

➢ ସିନେମା ପୃଷ୍ଠାରେ ସ୍ଥାନିତ 'ବାଟ ଖୋଜୁଛନ୍ତି ଅଦିତି', 'ଆଶା ରଖିଛନ୍ତି ଦୀପିକା', 'ପ୍ରଥମେ ରାଣୀ ପରେ ତବୁ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ସାହିତ୍ୟିକା ବନ୍ଦିତା ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ଖୁବ୍ ପ୍ରେରଣାଦାୟୀ ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'କୁଲ୍ ସମର୍ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ବୈଭବ ପଟ୍ଟନାୟକ, ଆଳି, କେନ୍ଦ୍ରାପଡ଼ା*

➢ ମଡେଲ୍ ମିରର୍‌ରେ ପ୍ରୀତି ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସହର ପୃଷ୍ଠାରୁ ସବୁଜ ଗାଁ ଖୋନୋମା ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ଏଥରର ବ୍ୟଙ୍ଗ 'ଅତିଯତ୍ନେ' ବେଶ୍ ଶିକ୍ଷଣୀୟ ହୋଇଥିଲା। ହାଃ ହାଃ ବି ବେଶ୍ ମଜାଦାର୍ ଥିଲା। ସାଥୀର ଉତ୍ତର ମଧ୍ୟ ରୋମାଣ୍ଟିକ୍‌ଭରା ଲାଗୁଥିଲା।

*– ସମୀକ୍ଷା ଦାଶ, ରାଉରକେଲା*

➢ ବିବିଧା ପୃଷ୍ଠାରେ ସ୍ଥାନିତ 'ତାରା ଟିମ୍‌ଟିମ୍ ହୁଏ କାହିଁକି' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ସେହିପରି 'ଦ କ୍ୟାନ୍ସର ହବ୍' ପାଠଟି ବି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଖିରେ ପଟି ବାନ୍ଧି ଫୁଟବଲ୍ ଖେଳ', 'ସବୁଠୁ ଛୋଟ ସାଇକେଲ', 'ସୁଟ୍ ବୁଟ୍ ପିନ୍ଧି ପାହାଡ ଚଢା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା।

*– ଛବିନା ମିଶ୍ର, ନୟାଗଡ଼*

## ବିଶେଷ ଚିଠି




ଲେଡ଼ି ବାଇକର୍ସର ପ୍ରଚ୍ଛଦ
ଲାଗୁଥିଲା ବେଶ୍ ନିଆରା,
ମନରେ ଭରୁଥିଲା
କେତେ ନୂଆ ନୂଆ ଆସରା।
ବ୍ୟକ୍ତିତ୍ୱ ବି ଥିଲା ବହୁତ ଖାସ୍
ତା'ସାଙ୍ଗକୁ ପୁଣି ସାଥୀ ବିନ୍ଦାସ୍,
ସୃଜନ, ସିନେମା କରୁଥିଲା ମତୁଆଲା
ତେଣୁ ଛୁଟିଦିନ ମନ ତୁମକୁ ଭଲପାଇଲା।

*– ରାକେଶ ସାହୁ,*
*ସାକ୍ଷୀଗୋପାଳ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶ୍ରମ ହିଁ ସାହାରା

ତାଙ୍କ ପାଖରେ ନାହିଁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ବା କୌଣସି ଚାକିରି। କିନ୍ତୁ ପରିବାର ପ୍ରତିପୋଷଣ ପାଇଁ ଏମାନେ ଅଣ୍ଟା ଭିଡ଼ିଛନ୍ତି। ଘରର ପୁରୁଷମାନେ ଯେ କେବଳ ଘରର ଦାୟିତ୍ୱ ନେବେ ସେ କଥାକୁ ବି ଭୁଲ ପ୍ରମାଣିତ କରିଛନ୍ତି। ଶ୍ରମକୁ ସାହାରା କରି ଜୀବନ ଜିଇଁବା ସହ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିଥିବା ନାରୀମାନଙ୍କ କଥା...

**ଶ୍ରମକୁ ସାହାରା କରି ପରିବାର ପ୍ରତିପୋଷଣ କରିବା ସହ ନିଜ ପାଇଁ ଏକ ପରିଚୟ ତିଆରି କରିଥିବା ନାରୀମାନଙ୍କ କଥା...**

**ଭାରତୀଙ୍କ ସଂସାର** –ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଭାରତୀ ନାୟକ। ବୟସ ପ୍ରାୟ ୪୭ ବର୍ଷ। ଶାଶୁଘର ଖୋର୍ଦ୍ଧାଜିଲାର ଚିଲିକା ବଉଳାବନ୍ଧରେ। ସେ କୁହନ୍ତି, 'ମୋ ବିବାହର ୧୫ବର୍ଷ ପରେ ସ୍ୱାମୀଙ୍କ ଅକାଳ ବିୟୋଗ ଘଟିଲା। ସେତେବେଳକୁ ମୋର ୩ଟି ସନ୍ତାନ ଛୋଟ ହୋଇଥିଲେ। ପିଲାଙ୍କୁ କିପରି ପାଳିବି ସେଥିପାଇଁ ଚିନ୍ତିତ ହୋଇପଡ଼ିଲି। ଏପଟେ ଶ୍ୱଶୁର ଘରର ସେମିତି କିଛି ସମ୍ପତ୍ତିବାଡ଼ି ନ ଥିଲା । ଏଥିଯୋଗୁ ଚଳିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଅନେକ ସମୟରେ ଭୋକ ଉପାସରେ ରହିବାକୁ ପଡୁଥିଲା। ଏତେ ଅଭାବରେ ବଞ୍ଚି ରହିବା ଅପେକ୍ଷା ଦିନେ ଜୀବନ ହାରି ଦେବା ପାଇଁ ବି ମନସ୍ଥ କରିଥିଲି। ମାତ୍ର ପିଲାମାନଙ୍କ କଥା ମନେପଡ଼ିଲା, ସେମାନଙ୍କ ମୁହଁ ଆଖିରେ ନାଚିଉଠିଲା। ଶେଷରେ ନିଷ୍ପତ୍ତି ନେଲି ପିଲାମାନଙ୍କ ପାଇଁ ମତେ ବଞ୍ଚିବାକୁ ହେବ। ଯେତେ କଷ୍ଟ ହେଉପଛେ ମୁଁ ସେମାନଙ୍କ ଭବିଷ୍ୟତ ଗଢିବି। ଏହି ଚିନ୍ତାରେ ବିଭିନ୍ନ କାମ କରିବା ପାଇଁ ଯୋଜନା କଲି। ଏହି ସମୟରେ ଦେଖିଲି ଆମ ଅଞ୍ଚଳର କେତେଜଣ ମହିଳା ଓ ପୁରୁଷ ବିଭିନ୍ନ କାମଧନ୍ଦା ଅନ୍ୱେଷଣରେ ଜଟଣୀକୁ ଯାଉଛନ୍ତି। ସେମାନଙ୍କ ସହିତ ଯିବା ପାଇଁ ଦିନେ ବଡ଼ିଭୋରରୁ ବାହାରି ପଡ଼ିଲି। ଏଥିପାଇଁ ପଡ଼ୋଶୀଘରେ ପିଲାଙ୍କୁ ଛାଡ଼ିଦେଇଥିଲି। କିନ୍ତୁ ସେଦିନ ଘରୁ ଯିବାବେଳେ ବହୁତ କାନ୍ଦିଥିଲି। ଯେତେବେଳେ ଶ୍ରମିକଭାବେ ବାଲିସିମେଣ୍ଟ ଗୋଳେଇବାକୁ କହିଲେ ସେସବୁ କିପରି ହେବ ଜାଣି ନ ଥିବାରୁ ମନ କଷ୍ଟ ହେବା ସହ ଭୟ ବି ଲାଗୁଥିଲା। ସେଠାରେ କାମ କରୁଥିବା ଅନ୍ୟ ମିସ୍ତ୍ରିଙ୍କଠାରୁ ବାଲି ସିମେଣ୍ଟ କେମିତି ଗୋଳାଯାଏ ପଚାରି ଶିଖିଲି। ଏହି କାମ ଯେତେ କଷ୍ଟ ହେଲେ ବି ମନରେ ଦୃଢ଼ତା ରଖି ସେଦିନ କରିଥିଲି। ସନ୍ଧ୍ୟା ବେଳକୁ ୨୫୦ଟଙ୍କା ମଜୁରି ମିଳିଲା । ପରିଶ୍ରମର ଟଙ୍କା ଦେଖି ବହୁତ ଖୁସି ହୋଇପଡ଼ିଲି, ଆଉ ସେବେଠାରୁ ପ୍ରତିଦିନ ଟ୍ରେନ୍‌ରେ ଜଟଣୀକୁ ଆସିଥାଏ। ବିଭିନ୍ନ ସ୍ଥାନରେ ଚାଲିଥିବା ନିର୍ମାଣାଧୀନ ରାସ୍ତା, ଡ୍ରେନ୍, କୋଠାବାଡ଼ି ଓ ଟାଇଲ୍ ବସାଇବା ଆଦି କାମ କରିଥାଏ। ଯାହା କିଛି ରୋଜଗାର ହୁଏ, ସେଥିରୁ ଯିବା ଆସିବା ଖର୍ଚ୍ଚ ଓ ଘରର ଖର୍ଚ୍ଚ ବାଦ୍ ବାକି କିଛି ଟଙ୍କା ପିଲାଙ୍କ ପାଇଁ ସଞ୍ଚୟ କରିଥାଏ। ଏମିତିରେ ପ୍ରାୟ ୧୧ବର୍ଷ ବିତି ସାରିଲାଣି। ମୋ ସହିତ ଆଉ ୬ଜଣ ମହିଳା ଶ୍ରମିକ ମୋ ଜରିଆରେ କାମ କରିଥାନ୍ତି। ମାଲିକଙ୍କଠାରୁ ପାରିଶ୍ରମିକ ଟଙ୍କା ଆଣି ସାଥିରେ ଯାଇଥିବା ଅନ୍ୟ ମହିଳା ଶ୍ରମିକଙ୍କୁ ପ୍ରଦାନ କରିଥାଏ। ଯେଉଁଠି କୋଠା ନିର୍ମାଣକାର୍ଯ୍ୟ ଲଗାତରଭାବେ ଚାଲୁରହିଥାଏ ସେଠାରେ ଘରଭଡ଼ା ନେଇ ଟାଇଲ ମିସ୍ତ୍ରିକାମ କରିଥାଏ। ପ୍ରତିଦିନ ବାଲିସିମେଣ୍ଟ କାମକଲେ ୫ଶହ ଟଙ୍କା ମିଳେ। ଆଉ ଟାଇଲ କାମରେ ଠିକାନେଇ ଦିନକୁ ହଜାରେ କିମ୍ବା ୨ହଜାର ଟଙ୍କା ଭାଗ ପଡ଼େ। ଏବେ ଗାଁରେ ମୋର ଦୁଇପୁଅ ରହୁଛନ୍ତି। ଝିଅର ବାହାଘର ୨ବର୍ଷ ହେବ ସାରିଛି। ଦେହ ଅସୁସ୍ଥ ଥିଲେ ବି ବଞ୍ଚିବା ପାଇଁ ଅନେକ ସମୟରେ ପରିଶ୍ରମ କରିଛି। ଶ୍ରମିକ କାର୍ଡଥିଲେ ବି ଏଯାଏ ସେମିତି କିଛି ସୁବିଧା ମିଳିନି।



ଦମୟନ୍ତୀ

**ଅନିତାଙ୍କ କାନ୍ଧରେ ଦୁଃଖର ଭାର:** ଗରିବ ଅସହାୟ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରି ସରକାର ବାହାବା ନେଉଛନ୍ତି। ହେଲେ ଅନିତାଙ୍କ ପରିବାରକୁ ସରକାରୀ ସହାୟତା ସାତସପନ। ଗଞ୍ଜାମ ଜିଲା ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୫ ନମ୍ବର ୱାର୍ଡର ବାଲିଘାଇ ଗ୍ରାମରେ ବସବାସ କରନ୍ତି ମଦନ ଗୌଡଙ୍କ ପରିବାର। ମଜୁରିଆ ଭାବେ କାମ କରି ସେ ଚଳଉ ଥିଲେ ୭ ପ୍ରାଣୀ କୁଟୁମ୍ବ। ହେଲେ ଏବେ କାମ କରିବାକୁ ସକ୍ଷମ ନାହାନ୍ତି ମଦନ। ପ୍ରାୟ ୭ ବର୍ଷ ହେଲା ମଦନ ଓ ତାଙ୍କ ସ୍ତ୍ରୀ ଝୁନୁ ଗୌଡ ଉଭୟ ପକ୍ଷାଘାତ ରୋଗରେ ପୀଡ଼ିତ। ଏଣେ ସାନ ଝିଅ କୁନି ଦୃଷ୍ଟିବାଧିତା। ଘରେ କେହି ରୋଜଗାର କରିବାକୁ ନ ଥିବା ଯୋଗୁ ବଡ଼ଝିଅ ଅନିତାଙ୍କ ଉପରେ ପଡିଲା ପରିବାରର ବୋଝ। ତେଣୁ ସେ ରୋଜଗାର ପାଇଁ ଘରୁ ଗୋଡ କାଢିଲେ। କଲେ ଦିନମଜୁରିଆ କାମ। ଆଉ ଯାହା ରୋଜଗାର ହେଲା ସେତିକିରେ ଚଳୁଛି ତାଙ୍କ ପରିବାର। ଏମିତିରେ ଓଳିଏ ଖାଇଲେ ଆର ଓଳି ଭୋକ ଉପାସରେ ବିତେ ତାଙ୍କ ଜୀବନ। ଯାହା କିଛି ଘରର ଧନସମ୍ପତ୍ତି ଥିଲା ତାକୁ ବିକି ଚିକିତ୍ସା କରାଇଲେ। ହେଲେ ଏବେ ସବୁକିଛି ସରିଯାଇଥିବାରୁ ଆଉ ଚିକିତ୍ସା କରି ପାରୁନାହାନ୍ତି। ଅନ୍ୟ ପଟେ ଏହି ଅସହାୟ ଗରିବ ପରିବାରକୁ ମିଳିପାରି ନାହିଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଖଣ୍ଡେ। ଏଥିପାଇଁ ସେ ପ୍ରତିଦିନ ନିକଟସ୍ଥ ଆଖପାଖ ଗାଁରେ ବିଭିନ୍ନ ନିର୍ମାଣାଧୀନ କାମରେ ଯୋଗ ଦେଇ ଦିନକୁ କେବେ ୨୫୦ଟଙ୍କା ତ ପୁଣି କେଉଁଦିନ ୩ଶହ ଟଙ୍କା ରୋଜଗାର କରୁଛନ୍ତି। ଯାହାକିଛି ରୋଜଗାର କରନ୍ତି ସେଥିରେ ରୋଗଣା ବାପା ମା' ଓ ଭଉଣୀ ତୁଣ୍ଡରେ ଖାଦ୍ୟ ଦେଇଥାନ୍ତି। ଅଭାବ ଅନଟନରେ ଏହି ପରିବାର କାଳାତିପାତ କରୁଛନ୍ତି ।

**ବଞ୍ଚିଥିବା ଯାଏ ଖଟିଚାଲିଥିବି** –ପାହାନ୍ତା ପ୍ରହରରୁ ରୋଷେଇ କାମ ସାରି ସ୍ୱାମୀ ଓ ଦୁଇ ପିଲାଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଦେଇଥାଏ। ତା' ପରେ ମୋ କାମରେ ବଡ଼ିଭୋରରୁ ବାହାରିପଡ଼େ । କାମ ସାରି ଘରେ ପହଞ୍ଚିଲାବେଳକୁ କେଉଁ ଦିନ ରାତି ୮ଟା ତ କେତେବେଳେ ୯ଟା ବାଜେ, ବେଳେବେଳେ ରାତି ୧୦ଟା ବି ହୋଇଯାଏ। ଏପରି ଚାଲିଛି ୧୦ବର୍ଷ ହେବ। କାମକୁ ଯାଉଛି ବୋଲି ଚାରିପ୍ରାଣୀ ଚଳୁଛୁ।

ଏମିତି କିଛି କୁହନ୍ତି ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ସାନନଇରୀ ଗ୍ରାମର ସଖୀ ବେହେରା। ସେ କୁହନ୍ତି, 'ଆମେ ଗରିବ ଲୋକ ଆଜ୍ଞା, ଖଟିଲେ ଖାଇବୁ ନ ହେଲେ ଉପବାସ। ଦିନଥିଲା ମୋ ସ୍ୱାମୀ ଚିଲିକାକୁ ଯାଉଥିଲେ। ଏବେ ସେ ଅସୁସ୍ଥ, ପୁଣି ଚିଲିକାର ପରିସ୍ଥିତି ଭଲ ନାହିଁ। ସକାଳ ହେଲେ ପେଟର ଚିନ୍ତା। ୪ଜଣ ବଞ୍ଚିବୁ କେମିତି। ଗାଁର ଅନ୍ୟମାନଙ୍କଠାରୁ ବାଲିସିମେଣ୍ଟ କାମ ଶିଖିଲି ।



ଶ୍ରମିକ ଭାବେ ଖଟିଲେ ଦିନକୁ ୫ଶହ ଟଙ୍କା ମିଳୁଛି। ସେଥିରେ ଘର ଚଳୁଛି। ଦିନରାତି ଯିବା ଆସିବା ସହିତ ବାଲିସିମେଣ୍ଟ କାମରେ କେତେବେଳେ ସମୟ ଚାଲି ଯାଉଛି ଜଣାପଡୁନି। ଏଯାଏ ଶ୍ରମିକ କାର୍ଡଟିଏ ପାଇନି। କି ମୋର ରାଶନ କାର୍ଡ ହୋଇପାରିନାହିଁ। ଗାଁରେ କେତେଜଣଙ୍କୁ କେତେ ଗୁହାରି କରିଛି, ହେଲେ କେହି ଏଯାଏ ଏହି କାର୍ଡ କରେଇ ଦେଉନାହାନ୍ତି। ବଞ୍ଚିଥିଲା ଯାଏ ଖଟୁଥିବି, କାରଣ ମୋ ଉପରେ ପରା ପରିବାରର ୩ଜଣ ନିର୍ଭରଶୀଳ ! ସେମାନଙ୍କ କଥା ବୁଝିବ କିଏ ?

**ରାଜମିସ୍ତ୍ରି ମମତା:** ସେ ଏମିତି ଜଣେ ଝିଅ ଯିଏକି ପରିବାର ପାଇଁ ନିଜର ସବୁ ସୁଖ ତ୍ୟାଗ କରିଛନ୍ତି। ଯେଉଁଠି ପୁଅ ମା' ବାପାଙ୍କର ହାତ ଛାଡି ଦେଇ ଦୂରେଇଯାଏ। ଏମିତି ପରିସ୍ଥିତିରେ ସେ ଝିଅ ହୋଇ ଘର ପରିବାର ପାଇଁ ବିବାହ କରିବାକୁ ମନା କରିଛନ୍ତି। ପୁଣି ଘର ପାଇଁ ରାଜମିସ୍ତ୍ରି କାମ କରି ପରିବାର ଚଳାଉଛନ୍ତି। ସେ ହେଲେ ରାୟଗଡ଼ା ଜିଲ୍ଲା ରାୟଗଡା ବ୍ଲକର ପିତାମହଲ ଗ୍ରାମର ପାଇକ ସାହିର ମମତା ନାୟକ( ୩୦) । ସେ ମା' ଗର୍ଭରେ ଥିବାବେଳେ ତାଙ୍କର ବାପା ଚାଲିଗଲେ ଆରପାରିକୁ। ପରିବାର କହିଲେ ବିଧବା ମା' ୩ ଭଉଣୀ, ଗୋଟିଏ ଭାଇ। ହେଲେ ସମୟକ୍ରମେ ୩ ଭଉଣୀ ଙ୍କ ବିବାହ ସରିଲା। ଭାଇ ମଧ୍ୟ ବିବାହ କରି ବାପା ମାଠାରୁ ଦୂରେଇଗଲେ। ମମତାଙ୍କ ଭାଇ ଭଉଣୀ ନିଜ ନିଜ ପରିବାରକୁ ଧରି ଅନ୍ୟ ଘରେ ରହୁଥିବାବେଳେ ୧୧ବର୍ଷ ବୟସରୁ ମମତା ଶ୍ରମିକ ଭାବେ ବିଭିନ୍ନ କାମ କରି ଘର ଚଳାନ୍ତି । ଘରର ସବୁ ଖର୍ଚ୍ଚ ବହନ କରନ୍ତି। ସରକାରଙ୍କ ତରଫରୁ ଦିଆଯାଇଥିବା ଇନ୍ଦିରା ଆବାସରେ ମମତା ଓ ତାର ମା' ରହୁଛନ୍ତି । ହେଲେ ଇନ୍ଦିରା ଆବାସ ବହୁ ପୁରୁଣା ହୋଇଯାଇ ଥିବାରୁ ଭାଙ୍ଗି ଯିବା ପରେ ନିଜେ ସଞ୍ଚିତ ରଖିଥିବା ଟଙ୍କାରେ ଘର ମରାମତି କରିଛନ୍ତି। ଏପରି ମିସ୍ତ୍ରି କାମ କରିବା ଦ୍ୱାରା ଅନେକ ସମୟରେ ଲୋକେ ମମତାଙ୍କୁ ନାନା ଥଟ୍ଟା ପରିହାସ କରିଥାନ୍ତି । ଝିଅ ହୋଇ ମିସ୍ତ୍ରିକାମ କ'ଣ କରିବ ବୋଲି କୁହନ୍ତି । କିନ୍ତୁ ସେ କୁହନ୍ତି ବଞ୍ଚିବା ପାଇଁ ପରିଶ୍ରମ କରୁଛି। ଏଥିରେ ପରିବାର ଚଳୁଛି। ଲାଜ କରିବି କାହିଁକି। ମମତା କୁହନ୍ତି, 'ପିଲାଟି ଦିନରୁ ପାଠ ପଢିବାକୁ ଅନେକ ଇଚ୍ଛା ଥିଲା, ହେଲେ ଖାଇବାକୁ, ପିନ୍ଧିବାକୁ ଟଙ୍କା ନଥିଲା, ବାଧ ହୋଇ ୧୧ ବର୍ଷ ବୟସରୁ ଦିନମଜୁରିଆ ଭାବେ କାମକରି ଦିନକୁ ପ୍ରଥମେ ୨୦ ଟଙ୍କା ମଜୁରି ପାଇଲି। ସକାଳ ୮ ଟାରୁ କାମକୁ ଯାଇ ଦିନ ୧ଟାରେ ମଧ୍ୟାହ୍ନ ସମୟରେ ଖାଇ କିଛି ସମୟ ବିଶ୍ରାମ ନିଏ। ପୁଣି ୨ ଟାରୁ ୫ ଟା ୩୦ ପର୍ଯ୍ୟନ୍ତ କାମ କରି ଘରକୁ ଆସେ । ଘର ଏବଂ ମା'ଙ୍କର ଦାୟିତ୍ୱ ମୋ ଉପରେ। କେହି ମା'ଙ୍କ କଥା ବୁଝନ୍ତି ନାହିଁ । ମା'ଙ୍କର ସ୍ୱାସ୍ଥ୍ୟ ଭଲ ନାହିଁ । ମଧୁମେହ ରୋଗରେ ପୀଡ଼ିତ। ତେଣୁ ତାଙ୍କ ମେଡ଼ିସିନ ଏବଂ ଘର ଖର୍ଚ୍ଚ ମୋ ଉପରେ ପଡୁଛି। ମା'ବାପା ଆମକୁ ବଡ଼ କରିଛନ୍ତି। ଆମର କର୍ତ୍ତବ୍ୟ ଆମେ ବୃଦ୍ଧାବସ୍ଥାରେ ତାଙ୍କର ଯତ୍ନ ନେବା। ଏଥିପାଇଁ ମୁଁ ବିବାହ ମଧ୍ୟ କରିବେ ନାହିଁ ବୋଲି ମନସ୍ଥ କରିଛି। ମୁଁ ସକାଳ ୫ଟାରୁ ଉଠି ରୋଷେଇ କାମ ସାରିବା ପରେ କାମରେ ବାହାରିଯାଏ। ମଜୁରି କାମ କରିବାବେଳେ ମିସ୍ତ୍ରିମାନେ କରୁଥିବା କାମକୁ ଭଲ ଭାବେ ଅନୁଧ୍ୟାନ କରି ଦେଖୁଥିଲି। ଏପରି ଇଚ୍ଛା ଶକ୍ତି ଲାଗି ମୁଁ ଦେଖି ଦେଖି ରାଜମିସ୍ତ୍ରୀ କାମ ଶିଖି ଗଲି। ମଜୁରି ହେଲ୍ପର ଭାବେ ଯେଉଁଠି ପୁଅମାନଙ୍କୁ ୬୦୦ଟଙ୍କା ଦିଅନ୍ତି ସେଠି ମତେ ୩୦୦ଟଙ୍କା ଦେଉଥିଲେ । କେତେକ ଜାଗାରେ ମିସ୍ତ୍ରି ଭାବେ କାମ ପାଇଁ ମଧ୍ୟ ଡାକନ୍ତି କିନ୍ତୁ ପୁଅମାନଙ୍କୁ ଯାହା ବି ଦିଅନ୍ତି ତା'ର ଅଧା ହିଁ ଝିଅଙ୍କୁ ମିଳେ। ମୋତେ ବି ସେହିପରି ଟଙ୍କା ମିଳିଛି। ଟ୍ରାକ୍ଟରରେ ବାଲି ଲୋଡ଼ କରିବା କାମ, ଇଟା ଯୋଡ଼ି କାନ୍ଥ ବନେଇବା କାମ, କଂକ୍ରିଟ ପିଲର, ଘର କାମ, ଛାତ ପକେଇବା, ସରକାରଙ୍କ ଏମଜିଏନଆରଇଜିଏର ଡଷ୍ଟବିନ କୁଣ୍ଡ ବନାଇବା ସହ ରାସ୍ତା କାମ ବି କରେ। କିନ୍ତୁ ଆଜି ବି କେତେକ କାମରେ ବିଲ୍ ହୋଇନି ଅସୁବିଧାରେ ଚଳୁଛି। ଲେବର କାର୍ଡ ଥିଲେ ସୁଦ୍ଧା କୌଣସି ସାହାଯ୍ୟ ପାଇପାରୁନାହିଁ। ନିଜ ଅଞ୍ଚଳରେ ଏଚ୍‌ପି ଗ୍ୟାସ କମ୍ପାନୀ ପ୍ରତିଷ୍ଠିତ କରାଗଲା। ଦିନରାତି ସେଠାରେ କାମ କଲୁ । ସେଥିରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ମଧ୍ୟ ପ୍ରତିଶ୍ରୁତି ରଖିଲେ ନାହିଁ। ବେଳେବେଳେ ଦେହ ଅସୁସ୍ଥ ରହିଲେ ବି ବାଧହୋଇ ମିସ୍ତ୍ରି କାମ କରୁଛି।

**ମୁଁ ରୋଜଗାରକ୍ଷମ ହେବା ସହ ୧୫ଟି ପରିବାର ବି ରୋଜଗାରକ୍ଷମ ହୋଇପାରିଛି:** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ଅଞ୍ଚଳର ଦମୟନ୍ତୀ ମଣ୍ଡଳ। ବୟସ ପ୍ରାୟ ୪୨ ଡେଇଁଲାଣି । ଏବେ ସେ ଜଣେ କୁଶଳୀ ରାଜମିସ୍ତ୍ରି ଭାବେ ଏହି ଅଞ୍ଚଳରେ ବେଶ୍ ଜଣାଶୁଣା। ସେ କୁହନ୍ତି, ଆଜକୁ ପ୍ରାୟ ୧୮ବର୍ଷ ତଳେ ମୋ ସ୍ୱାମୀଙ୍କ ଦେହାନ୍ତ ଘଟିଲା। ଘରେ ଦୁଇଝିଅ ଓ ଗୋଟିଏ ପୁଅକୁ କିପରି ପୋଷିବି ଚିନ୍ତାରେ ପଡ଼ିଲି। ସେତେବେଳକୁ ମୁଁ ଘର କାମ ଛଡା କୌଣସି କାମ ଜାଣି ନ ଥାଏ। ଚିନ୍ତାକଲି ପିଲାମାନଙ୍କୁ କେମିତି ବଡେଇବି। କୋଉଠୁ ଆଣି ଖାଇବାକୁ ଦେବି। ଦିନେ ମନରେ ସାହସ ବାନ୍ଧିଲି ଯାହା ହେଉ ପଛେ ମତେ କିଛି କରିବାକୁ ପଡିବ। ଯେକୌଣସି କାମ ହେଉ ପଛେ ମୁଁ କରିବି। ପ୍ରଥମେ ଯେଉଁ କାମ କଲି ସେଥିରେ ପାରିଶ୍ରମିକ ଥିଲା ଦିନକୁ ମାତ୍ର ୨୦ଟଙ୍କା। ଏତିକିରେ ଚଳିବା ଭାରି କଷ୍ଟକର ହୋଇପଡିଲା। ସେଇଠୁ ମୁଁ ଚିନ୍ତା କଲି ବାହାରକୁ ଯାଇ କୋଉଠି କିଛି କାମ କରିବି। ଦିନେ ପାରାଦୀପସ୍ଥିତ ବୃହତ୍ ସାରକାରଖାନାଠାରେ ଜଣେ ରାଜମିସ୍ତ୍ରିଙ୍କ ପାଖରେ ପହଞ୍ଚିଲି। ସେଠାରେ ମୁଁ କିଛିଦିନ ହେଲ୍ପର ଭାବେ କାମ କଲି । ଏଥିପାଇଁ ବହୁ ତାଚ୍ଛିଟାପରା ବି ଶୁଣିବାକୁ ପଡିଲା। କିନ୍ତୁ ସେସବୁକୁ ଖାତିର ନ କରି ମୁଁ କାମ କରି ଚାଲିଲି। ଯାହାଫଳରେ ସମୟକ୍ରମେ ଜଣେ ରାଜମିସ୍ତ୍ରି ପାଲଟିଗଲି। ଏବେ ମୋ ସହିତ ୪ଜଣ ରାଜମିସ୍ତ୍ରି ଓ ୧୦ଜଣ ହେଲ୍ପର ରହୁଛନ୍ତି। ନିଜେ କାମ କରିବା ସହ ସେମାନଙ୍କୁ ବି ଗୃହ ନିର୍ମାଣକାମ ଯୋଗାଉଛି। ଏଥିରେ ମୋର ଭଲ ରୋଜଗାର ହେଉଛି । ସେମାନେ ବି ରୋଜଗାର ପାଇ ପରିବାର ଚଳାଉଛନ୍ତି। ଆଜି ମୋର ଏହି କାମ ପାଇଁ ମୋ ମା' ଓ ମୋ ପିଲାମାନେ ମିଶି ପ୍ରାୟ ୫ଜଣ ସଦସ୍ୟ ବେଶ ଭଲଭାବେ ଚଳୁଛୁ।

**ରାଜମିସ୍ତ୍ରୀ କାମ ଦେଇଛି ପରିଚୟ:** ମହିଳା ରାଜମିସ୍ତ୍ରୀ ପୂଜା, ପିଲାଟି ଦିନରୁ ମାଆକୁ ହରାଇଥିଲେ ପୂଜା । ତାଙ୍କୁ ଦୁଇ ବର୍ଷ ହୋଇଥିବା ବେଳେ ଛଅ ମାସର ଭାଇ ଓ ମା'ଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଗତ ବର୍ଷ ବାପା ମଧ୍ୟ ଛାଡି ଚାଲି ଯାଇଛନ୍ତି। ବର୍ତ୍ତମାନ ତାଙ୍କର ବାପଘରେ ନିଜର ବୋଲି ଆଉ କେହି ନାହାନ୍ତି। ଗଞ୍ଜାମ ସହର ତହସିଲ ଯିବା ରାସ୍ତାରେ ପୂର୍ବରୁ ତାଙ୍କର ଘର ଥିଲା ଏବେ ଆଉ ନାହିଁ। ବର୍ତ୍ତମାନ ତାଙ୍କର ବୟସ ୨୪ ବର୍ଷ ଆଉ ସେ ୧୪ବର୍ଷରେ ବିବାହ କରିଛନ୍ତି କର୍ଣ୍ଣାଟକର ଜଣେ ଯୁବକଙ୍କୁ । କର୍ଣ୍ଣାଟକର ରାଜୁ ନାମକ ଜଣେ ଯୁବକଙ୍କ ସହ ଦେଖା ହେବା ପରେ ସେ ତାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ସ୍ୱାମୀଙ୍କ ସହ ନିଜ ଶାଶୁ ଘର କର୍ଣ୍ଣାଟକ ଯାଇଥିଲେ। ସେହି ସମୟରେ ସ୍ୱାମୀଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଚିନ୍ତା କରି ତାଙ୍କଠାରୁ ମିସ୍ତ୍ରୀ କାମ ଶିଖିଲେ। ଯେଉଁକାମ ତାଙ୍କୁ ରୋଜଗାର ଦେବାସହ ପରିଚୟ ଦେବ ସେକଥା ସେ ଭାବି ନ ଥିଲେ। ପୂଜା ଏବେ ନିଜ ଗାଁ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ରାଜମିସ୍ତ୍ରୀ ଭାବେ କାମ କରୁଛନ୍ତି। ଯେଉଁଥିପାଇଁ ସେ ବେଶ୍ ଜଣାଶୁଣା। ରାଜମିସ୍ତ୍ରୀ ଭାବେ ତାଙ୍କୁ ଦୈନିକ ୬୦୦ ଟଙ୍କା ମିଳୁଛି। ଏହାବାଦ୍ ବି ଠିକା ନେଇ ବି କାମ କଲେ ଆହୁରି ଅଧିକ ରୋଜଗାର ହେଉଛି। ତାଙ୍କର ତିନି ଝିଅ ଓ ସ୍ୱାମୀଙ୍କୁ ନେଇ ସେ ବେଶ ଖୁସିରେ ଅଛନ୍ତି। ଦିନେ ଅର୍ଥ ତାଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ଥିବାବେଳେ ଏହି ରାଜମିସ୍ତ୍ରୀ କାମ ତାଙ୍କର ଆର୍ଥିକ ସମସ୍ୟାକୁ ଦୂର କରିଛି।

ଏମାନଙ୍କ ପରି ଏମିତି ଅନେକ ମହିଳା ଅଛନ୍ତି ଯେଉଁମାନେ ନିଜର ଶ୍ରମ ବଳରେ ନିଜ ପରିବାରର ସାହାରା ହେବା ସହ ନିଜ ପାଇଁ ଏକ ପରିଚୟ ତିଆରି କରିଛନ୍ତି।

**ତଥ୍ୟ: ବନବିହାରୀ ବେହେରା, ଭାଗ୍ୟଶ୍ରୀ ମିଶ୍ର, ସୁବ୍ରତ ବେହେରା, ପ୍ରତାପଚନ୍ଦ୍ର ସ୍ୱାଇଁ, ବିଦ୍ୟାଧର ସାହୁ**


ଭାରତୀ


ସଖୀ


ପୂଜା


ଅନିତା


ମମତା

# ସମର୍ ସ୍କାର୍ଫ







ଖରାଦିନେ ସମର୍ ସ୍କାର୍ଫର ବି ବେଶ୍ ଚାହିଦା ରହେ। କାରଣ ଏହି ସ୍କାର୍ଫ ଖରା କୋପରୁ ତ୍ୱଚାକୁ ରକ୍ଷା କରିବା ସହ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ଦେଇଥାଏ। ଆସନ୍ତୁ ଜାଣିବା ସେମିତି କେତୋଟି ଟ୍ରେଣ୍ଡି ସମର୍ ସ୍କାର୍ଫ ସମ୍ପର୍କରେ...

✲ **ପୋଲ୍କା ଡଟ୍ ସମର୍ ସ୍କାର୍ଫ:** ପୋଲ୍କା ଡଟ୍ ପ୍ରିଣ୍ଟ କେବେ ବି ଆଉଟ୍ ଅଫ୍ ଫ୍ୟାଶନ୍ ହୁଏ ନାହିଁ। ଖାସ୍‌କରି ଏହି ପ୍ରିଣ୍ଟର ସମର୍ ସ୍କାର୍ଫ ବି ଯୁବତୀଙ୍କର ଖୁବ୍ ପ୍ରିୟ ହୋଇଥାଏ। ଖରାରେ ବାହାରକୁ କୁଆଡ଼େ ଗଲାବେଳେ ଏହାକୁ ମୁହଁରେ କିମ୍ବା ମୁଣ୍ଡରେ ଗୁଡାଇ ଦେଲେ ଖରାରୁ ରକ୍ଷା ମିଳେ। ଅନ୍ୟପକ୍ଷେ ଜିନ୍ସ ଓ ଟପ୍ସ ସହ ଏହାକୁ ବେକରେ ଷ୍ଟାଇଲ୍‌ରେ ପକାଇ ମଧ୍ୟ ସ୍ମାର୍ଟ ଲୁକ୍ ପାଇହୁଏ।

✲ **ପ୍ରିଣ୍ଟେଡ୍ ଫ୍ଲୋରାଲ୍ ସମର୍ ସ୍କାର୍ଫ:** ଫ୍ଲୋରାଲ୍ ଡିଜାଇନ୍‌ର ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଖରାଦିନେ ଫ୍ରେଶ୍ ଲୁକ୍ ମିଳେ। ଏପରିକି ଖରାଦିନେ ଏହି ପ୍ରିଣ୍ଟର ସମର୍ ସ୍କାର୍ଫକୁ ଦେହରେ ପକାଇଲେ ଲୁକ୍ ମଧ୍ୟ ବେଶ୍ ଷ୍ଟାଇଲିଶ୍ ଲାଗେ। ମୁଖ୍ୟତଃ ଏହି ପ୍ରିଣ୍ଟର ସ୍କାର୍ଫକୁ ଜିନ୍ସ ଓ ଟପ୍ସ ହେଉ ଅବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ପେୟାର୍ କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।

✲ **ଆନିମଲ ପ୍ରିଣ୍ଟ ସମର୍ ସ୍କାର୍ଫ:** ଆନିମଲ ପ୍ରିଣ୍ଟର ଫ୍ୟାଶନ୍ ମଧ୍ୟ କେବେ ଆଉଟ୍ ଡେଟେଡ୍ ହୁଏ ନାହିଁ। ଏହାର ଆଉଟ୍‌ଫିଟ୍‌ଗୁଡ଼ିକ ଯେମିତି ଫ୍ୟାଶନେବଲ୍ ଲାଗେ ସେମିତି ଏହି ପ୍ରିଣ୍ଟର ସମର୍ ସ୍କାର୍ଫକୁ ବି ଜିନ୍ସ ଓ ଟପ୍ସ କିମ୍ବା ଶର୍ଟ୍ସ ସହ ପେୟାର୍ କଲେ ଖରାଦିନେ ସ୍ମାର୍ଟ ଲୁକ୍ ମିଳିଥାଏ।

✲ **ସନ୍ ପ୍ରୋଟେକ୍ସନ୍ ଫେଶ୍ ସ୍କାର୍ଫ:** ଏହା ଏକ ସ୍ୱତନ୍ତ୍ର ଧରଣର ସମର୍ ସ୍କାର୍ଫ; ଯେଉଁଥିରେ ଉଭୟ ଟୋପି ଓ ସ୍କାର୍ଫ ଲାଗିକି ରହିଥାଏ; ଯଦ୍ୱାରା ଉଭୟ ମୁଣ୍ଡ ସହ ମୁହଁକୁ ବି ସୂର୍ଯ୍ୟକିରଣରୁ ରକ୍ଷା କରିହୁଏ। ଏହାକୁ ଉଭୟ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ କ୍ୟାରି କରାଯାଇପାରେ।

✲ **ଲଙ୍ଗ୍ ସମର୍ ସ୍କାର୍ଫ:** ପ୍ୟୁୟୋର୍ କଟନ୍‌ରେ ଆସୁଥିବା ଏହି ସ୍କାର୍ଫ ବହୁତ ଲମ୍ବା ହୋଇଥାଏ। ଏହାକୁ ଯୁବତୀ ଚାହିଁଲେ ମୁଣ୍ଡ ସହ ମୁହଁକୁ ଏପରିକି ହାତକୁ ବି ଆରାମରେ କଭର୍ କରି ପ୍ରଖର ସୂର୍ଯ୍ୟକିରଣରୁ ନିଜକୁ ରକ୍ଷା କରିପାରିବେ।

## ସ୍କାର୍ଫର ଲେଙ୍ଗ୍‌ଥକୁ ନେଇ ଟିପ୍ସ

ସ୍କାର୍ଫ ମୁଖ୍ୟତଃ ତିନୋଟି ଭିନ୍ନ ଭିନ୍ନ ଲେଙ୍ଗ୍‌ଥ ବା ଲମ୍ବାରେ ଉପଲବ୍ଧ ହୋଇଥାଏ, ଯଥା: ଶର୍ଟ ଲେଙ୍ଗ୍‌ଥ, ମିଡିୟମ୍ ଲେଙ୍ଗ୍‌ଥ ଏବଂ ଲଙ୍ଗ୍ ଲେଙ୍ଗ୍‌ଥ। ସ୍କାର୍ଫର ଲେଙ୍ଗଥ୍ ବି ଲୁକ୍ ଉପରେ ଅନେକ ପ୍ରଭାବ ପକାଇଥାଏ। ଯେମିତି କି...

✲ **ଶର୍ଟ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** ଜିନ୍ସ ଓ ଟପ୍ସ ହେଉ ଅବା ପ୍ଲାଜୋ ପ୍ୟାଣ୍ଟ କିମ୍ବା ଟ୍ରାଉଜର ପ୍ୟାଣ୍ଟ ସହ ଶର୍ଟ ଲେଙ୍ଗ୍‌ଥ ସମର୍ ସ୍କାର୍ଫ ବେଶ୍ ଭଲ ମାନିଥାଏ। ଖାସ୍‌କରି ଏହାକୁ ବେକ ଓ କାନ୍ଧ ଚାରିପଟେ ଷ୍ଟାଇଲିଶ୍ ଭାବେ ଗୁଡ଼ାଇ ମଡର୍ନ ଲୁକ୍ ପାଇହୁଏ। ମୁଖ୍ୟତଃ ଡେଙ୍ଗା ଯୁବତୀଙ୍କୁ ଏହି ଷ୍ଟାଇଲ୍ ଖୁବ୍ ଭଲ ଦେଖାଯାଇଥାଏ। ଆଉଟିଂରେ କିମ୍ବା ଶପିଂ ପାଇଁ ଗଲାବେଳେ ଏହି ଷ୍ଟାଇଲ୍‌କୁ ଅନୁକରଣ କଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ।

✲ **ମିଡିୟମ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** କାଜୁଆଲ୍ ଲୁକ୍ ପାଇଁ ହେଉ ଅବା ଅଫିସିଆଲ୍ ପାର୍ଟି ପାଇଁ ହେଉ; ଯୁବତୀମାନେ ଚାହିଁଲେ ଫର୍ମାଲ୍ ଟ୍ରାଉଜର୍ ସୁଟ୍ ସହ ବେକରେ ଏହି ମିଡିୟମ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫକୁ ଷ୍ଟାଇଲିଶ୍ ଭାବେ ବାନ୍ଧିପାରିବେ। ଏହାଛଡ଼ା ଲଙ୍ଗ୍ ଶାର୍ଟ ହେଉ ଅବା କୁର୍ତ୍ତା ସାଙ୍ଗରେ ବି ଏହି ଲେଙ୍ଗ୍‌ଥର ସ୍କାର୍ଫକୁ ମ୍ୟାଚିଂ କରି ପିନ୍ଧିପାରିବେ।

✲ **ଲଙ୍ଗ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** ଏହି ସ୍କାର୍ଫର ଲମ୍ବା ଟିକେ ଅଧିକ ଥାଏ। ତେଣୁ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଯୁବତୀମାନେ ଚାହିଁଲେ ସାଲୱାର-କମିଜ୍ କିମ୍ବା ପ୍ଲାଜୋ ପ୍ୟାଣ୍ଟ ସହ ଏହି ସ୍କାର୍ଫକୁ ଆଉ ବେକରେ ନ ଗୁଡ଼ାଇ କାନ୍ଧରେ ଲମ୍ବା ଭାବେ ଗୋଟିଏ ପାର୍ଶ୍ୱ କରି ପକାଇ ପାରିବେ। ଆଉ ଯଦି ଜିନ୍ସ ଓ ଟପ୍ସ କିମ୍ବା ଫର୍ମାଲ୍ ପ୍ୟାଣ୍ଟ ସାର୍ଟ ସହ ଏହି ସ୍କାର୍ଫ ପିନ୍ଧିବାକୁ ଚାହୁଁଥାନ୍ତି, ତା'ହେଲେ ଏହାକୁ ଷ୍ଟାଇଲିଶ୍ ଭାବେ ବେକରେ ଗୁଡ଼ାଇ କାନ୍ଧର ଉଭୟ ପାର୍ଶ୍ୱକୁ ଓହଳାଇ ରଖିପାରିବେ।









# ମୋ ଜୀବନର ସୁଖଦୁଃଖ ସବୁ ମହାପ୍ରଭୁଙ୍କର ଆଶିଷ: ଡ. ଅଭିମନ୍ୟୁ ଜେନା













ଦୀର୍ଘ ୫ ଦଶନ୍ଧି ଧରି ତାଙ୍କର ସାହିତ୍ୟ ସାଧନା ଜାରି ରହିଛି। ସାହିତ୍ୟର ବିଭିନ୍ନ ଦିଗରେ ସେ କଲମ ଚାଳନା କରି ରଚନା କରିଛନ୍ତି ଏକାଧିକ ପୁସ୍ତକ। ଏକାଧାରରେ ସେ ଜଣେ ମଞ୍ଚକଳାକାର, କବି, ଗାଳ୍ପିକ, ନାଟ୍ୟକାର, ନିର୍ଦ୍ଦେଶକ, ଶିକ୍ଷାବିତ୍, ସମାଲୋଚକ, ଦାର୍ଶନିକ ଓ ଐତିହାସିକ ପୁସ୍ତକର ରଚୟିତା। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଆଉ ସମ୍ମାନ। ସେ ହେଲେ ଡ. ଅଭିମନ୍ୟୁ ଜେନା। ଜନ୍ମ ୧୯୬୦ ଏପ୍ରିଲ ୧୫ରେ । ପିତା ଲକ୍ଷ୍ମଣ ଜେନା, ମା'ଙ୍କ ନାମ ଜମ୍ବୁ ଦେବୀ। ଘର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବଡ଼ଖାଡ଼ ଗ୍ରାମରେ । ସେ କୁହନ୍ତି, 'ଚିଲିକାର ଏକ ଟାପୁରେ ମୋ ଗାଁ ଅବସ୍ଥିତ। ଚାରିପଟକୁ ଘେରିଛି ପାଣି ଆଉ ପାଣି। ସକାଳ ହେଉ କି ସନ୍ଧ୍ୟା ଚିଲିକାର ରୂପବର୍ଣ୍ଣାଳୀକୁ ଦେଖିଲେ ମନଟା ଆନମନା ହୋଇଯାଏ। ମୋ ପିଲାଦିନର ପାଠପଢା ଆରମ୍ଭ ଗାଁ ଚାଟଶାଳୀରେ। ତା'ପରେ ଗୋଲପୁର ଉ.ପ୍ରା ସ୍କୁଲରେ ପଢିଲି । ସେତେବେଳେ ଆମ ଗାଁରେ ବାପା ଯାତ୍ରାଦଳଙ୍କ କଥା ବୁଝାଶୁଝା କରୁଥିଲେ। ତାଙ୍କଠାରୁ ଯାତ୍ରାନାଟକ ବିଷୟରେ ବିଭିନ୍ନ କଥା ଶୁଣୁଥିଲି। କମଳେଶ୍ୱର ବିଦ୍ୟାପୀଠରେ ପଢୁଥିବାବେଳେ ଗାଁପିଲାଙ୍କୁ ନେଇ 'ରକ୍ତ ସିନ୍ଦୂର' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଥିଲି। ୧୦ମ ପଢା ସରିଲାପରେ ବାଣପୁର କଲେଜରୁ ବିଏ ପାସ୍ କଲି। ସେହି ବର୍ଷ ଗ୍ରୀଷ୍ମଛୁଟିରେ ଦୁଇଟି ନାଟକ ଲେଖିଥିଲି। ଗୋଟିଏ ନାଟକ 'ଝଡ଼ର ପରିଧୀ' ମାଲୁଦର ମହୋଦଧି କ୍ଲବର ସଦସ୍ୟମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଆଉ ଗୋଟିଏ ନାଟକ 'ଅଭିଶପ୍ତ ଦେବକୀ' ରଣପୁର ନାଟ୍ୟସଂଘରେ ମଞ୍ଚସ୍ଥ ହୋଇଥିଲା। ମାଲୁଦରେ ନାଟକ ମଞ୍ଚସ୍ଥ ବେଳେ ସେଠାକୁ ଅତିଥିଭାବେ ଯାଇଥିଲି। କ୍ଲବର ସଦସ୍ୟମାନଙ୍କ ଅନୁରୋଧକ୍ରମେ ନାଟକ ଲେଖାର ଅନୁଭୂତି କହିଥିଲି। ମୋ ଅନୁଭୂତି ସେଦିନ ସମସ୍ତଙ୍କ ମନକୁ ବେଶ୍ ଛୁଇଁଥିଲା। ଆଉ ଖୁସୀରେ ଆପେଆପେ ମୋ ଆଖିରୁ ଲୁହ ବୋହି ଆସିଥିଲା। ସେହି ନାଟକର ବିଷୟକୁ ନେଇ ଆମ ଅଞ୍ଚଳରେ ବି ଖୁବ୍ ଚର୍ଚ୍ଚା ହୋଇଥିଲା। ଖବର ଶୁଣି କଟକରୁ ଫ୍ରେଣ୍ଡ୍‌ସ ପବ୍ଲିସ୍‌ର ମାଲିକ ସହଦେବ ପ୍ରଧାନଙ୍କ ତରଫରୁ ମୋତେ ତାଙ୍କ ପାଖକୁ ଯିବାପାଇଁ ଖବର ଆସିଲା। ସେତେବେଳେ ବାଣପୁର ମା' କାଳିଜାଈ ମେସ୍‌ରେ ରହୁଥାଏ। ଖବର ପାଇ କଟକ ଯାଇଥିଲି। ସେଠାରେ ନାଟ୍ୟକାର କାର୍ତ୍ତିକ ରଥଙ୍କ ସହିତ ଦେଖା ହେଲା। ନାଟକ ବିଷୟରେ ତାଙ୍କଠାରୁ ଅନେକ କିଛି ଜାଣିବାକୁ ପାଇଲି। ସେଦିନ ସେ ମୋତେ କହିଥିଲେ ଏଇ ପିଲା ଦିନେ ନିଶ୍ଚୟ ପ୍ରତିଷ୍ଠିତ ଲେଖକ ହେବ। ଏହି କଥାଟି ମୋ ମନରେ ଘର କରିଗଲା। ସମୟକ୍ରମେ ବ୍ରହ୍ମପୁର ଭଞ୍ଜବିହାରରେ ପିଜି ସାରିଲି। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ.ଡି. ସାରିଲି। ମୋର ପଢାପଢି ଭିତରେ ବି ମୁଁ ମୋ ସାହିତ୍ୟ ସାଧନାକୁ ଜାରି ରଖିଥାଏ। ସମାଲୋଚନା, ଜୀବନଦର୍ଶନ, ଇତିହାସ ଗବେଷଣା ଆଦି ବିଷୟରେ ଲେଖାଲେଖି କରୁଥାଏ। ଦିନରେ ଯେତେ ନୁହେଁ ରାତିରେ ମୁଁ ବେଶି ଲେଖା ଲେଖି କରିଛି। ଏମିତିକି ରାତି ରାତି ଅନିଦ୍ରା ରହି ଅନେକ ଲେଖାଲେଖି କରିଛି। 'ଚିଲିକା ଓ ଶ୍ରୀଜଗନ୍ନାଥ' ପୁସ୍ତକ ରଚନା ପାଇଁ ମତେ ପ୍ରାୟ ୬ବର୍ଷ ସମୟ ଲାଗିଛି। ଏହି ପୁସ୍ତକ ରଚନାରେ ଯେତେବେଳେ କିଛି ଅଂଶ ବାକି ରହିଯାଏ, ସତେବେଳେ ମହାପ୍ରଭୁଙ୍କୁ ସ୍ମରଣକରେ ଏମିତିରେ ମତେ ଲାଗେ ସତେ ଯେମିତି ଚଳଚ୍ଚିତ୍ର ଦୃଶ୍ୟପରି କିଛି ଘଟଣା ମୋ ଆଖି ସମ୍ମୁଖରେ ଦୃଶ୍ୟମାନ ହୋଇଥାଏ। ତା'ପରେ କଲମ ଚାଳାନା କରିଥାଏ। ଥରେ ହାତିଆଖୋଲ ଯାଇଥିଲୁ। ସେଠାରେ ଏକ ଘଟଣା ଘଟିଥିଲା। ହଠାତ୍ ପାହାଡ଼ଖୋଲରୁ ହାତୀ ଗର୍ଜନ ପରି ଶବ୍ଦ ଶୁଭିଥିଲା। ସେଠି ଯାଇ ଦେଖିଲୁ ସେଠାରେ ଗୋଟେ ବି ହାତୀ ନ ଥିଲା। ସେମିତି ଆଉ ଏକ କଥା ମୋର ମନେପଡେ ମୁଁ ପିଜି ପଢୁଥିବାବେଳେ ଦିନେ ଗାଁରେ ବୋଉ ପାଖରେ ଶୋଇଥାଏ। ସେତେବେଳେ ମତେ ଲାଗିଲା କେହି ଜଣେ ମୋ ପାଖକୁ ଆସି ମୋ ମୁଣ୍ଡ ପାଖରେ ବସି ମୋ ମୁଣ୍ଡ ଆଉଁସିଲେ। ଆଉ ହସି ହସି କିଛି କହିଲେ। ଏତିକିବେଳେ ବୋଉ ଉଠିଯାଇ ଠାକୁରାଣୀ ଠାକୁରାଣୀ ବୋଲି ଚିତ୍କାର କଲା। ତେଣୁ ମୁଁ ସବୁବେଳେ ଅନୁଭବ କରେ ସତେ ଯେମିତି ଠାକୁର ମୋ ପାଖେ ପାଖେ ଅଛନ୍ତି। ତାଙ୍କ ଆଶୀର୍ବାଦ ମୋ ଉପରେ ସବୁବେଳେ ରହିଛି। ଆଉ ସେ ମତେ ପ୍ରତି ମୁହୂର୍ତ୍ତରେ ଲେଖିବା ପାଇଁ ବାଟ କଢେଇ ନେଉଛନ୍ତି। ଏହାଛଡା ଗାଁରେ ବିତିଥିବା ପ୍ରତିଟି ମୁହୂର୍ତ୍ତ ବି ମତେ ଲେଖିବାର ଖୋରାକ ଯୋଗାଉଥିଲା। ଯେମିତିକି ସାଙ୍ଗଙ୍କ ସହ ଏକାଠି ହୋଇ ନିକଟସ୍ଥ ସମୁଦ୍ର କୂଳରେ ଯାଇ ବଣଭୋଜି କରିବା, ବଗିଚାରୁ ନଡ଼ିଆ ତୋଳିବା, ଗାଁ ପୋଖରୀ ଓ ଚିଲିକାରୁ ମାଛ ଧରିବା ଆଦି। ଏହାଛଡା କବି ଡ. ମାୟାଧର ମାନସିଂଙ୍କ ସାହିତ୍ୟର ପ୍ରଭାବରେ ମୁଁ ପ୍ରଭାବିତ ହୋଇଛି। ପୁସ୍ତକ ରଚନା ମଧ୍ୟରେ ଚିଲିକା ଓ ଶ୍ରୀଜଗନ୍ନାଥ, ପ୍ରଳୟ, ଦେଉଳ ତୋଳା, ଅଭିଶପ୍ତ ଦେବକୀ, ଧୂପଛାୟା, ନିତ୍ୟସୁଖ ପାଇଁ ନୀତି ବିଜ୍ଞାନ, ବିଦ୍ୟାର୍ଥୀଙ୍କ ସମସ୍ୟା ଓ ତା'ର ସମାଧାନ, ଅର୍ଦ୍ଧଶତାବ୍ଦୀର ଓଡ଼ିଆ ସାହିତ୍ୟରେ କବି ମାୟାଧର ମାନସିଂ ଆଦି ପୁସ୍ତକ ରଚନା କରିଛି। ଚଳଚ୍ଚିତ୍ର ମୋ ସୁନା ସଂସାରର କାହାଣୀ ମୁଁ ଲେଖିଥିଲି। ପୁରସ୍କାର ଭାବେ ଓଡ଼ିଶା ନାଗରିକ ସମ୍ମାନ, ବ୍ରହ୍ମଗିରି ମହୋତ୍ସବରୁ ନାଟ୍ୟମୁନି ଭରତ ଉପାଧି, କଟକଠାରେ ଆୟୋଜିତ ସର୍ବଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାରେ ନାଟ୍ୟଭୂଷଣ ଉପାଧି ସମେତ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିପାରିଛି। ଏବେ ପରିବାର କହିଲେ ତିନି ଝିଅ, ଗୋଟିଏ ପୁଅ ଓ ପତ୍ନୀ ଏବଂ ବଡ଼ ଭାଇଭାଉଜ। ମୁଁ ଏକ ଘରୋଇ କଲେଜର ଅଧ୍ୟକ୍ଷଭାବେ ଦାୟିତ୍ୱ ତୁଲାଉଛି। ଏହାଛଡା ମୋର ସାହିତ୍ୟ ସାଧନା ବି ଜାରି ରଖିଛି। ମୋ ଜୀବନର ସୁଖଦୁଃଖ ସବୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶିଷ ବୋଲି ମନେକରେ।



–ବନବିହାରୀ







# ପ୍ରତିକ୍ଷା

-ଲୋପାମୁଦ୍ରା ପରିଡ଼ା

ପକେଟରୁ ଫୋନ ଡାକିଲା ରିଂ ରିଂ ।
ବନ୍ଧୁକୁ ଠାରିଦେଲା ସୁକେଶ ବାଁ ହାତରେ ଫୋନ କାତୁ କାତୁ ନୀରବିବା ପାଇଁ ।
- ବାପାଙ୍କ ଫୋନ । ଏଇଲେ କହିବେ, 'ଆରେ ବିନୁ! ସେ ଟିଭିଟା କାଇଁ ଚାଲୁନିରେ ।' ହେ ହେ ହେ ।
ଏଠିକା ଜୀବନ ଅଦ୍ଭୁତ । ସପ୍ତାହରେ ପାଞ୍ଚ ଦିନଯାକ ଗଧ, ଦି ଦିନ ଅଚିହ୍ନା ପବନ ।
ନାଁକୁ ଆଠ ଘଣ୍ଟା, ହେଲେ ଘଣ୍ଟା କଣ୍ଟା ବୁଲୁଥିବା ଯାଏ କାମ । ମୁଣ୍ଡ ଖଟଣି ଚାଷ । ହଳଲଙ୍ଗଳ ନା କଲମ.....କିଛି ଲୋଡା ନୁହେଁ । ସବୁ ସେଇ କମ୍ପ୍ୟୁଟର କି ଲ୍ୟାପଟପ୍ କି ଫୋନ । ଖୁଣ୍ଟୁଟା ପରି ଠା' ଠି ବସି ବସି ଶେଷକୁ ଆଣିଥିବା ମାସୁଆରି ବୁହା ବସ୍ତାକର ଟଙ୍କାଥଳିକୁ ଅଣ୍ଟା, ଆଣ୍ଠୁ, ମନସ୍ତତ୍ତ୍ୱ ଡାକ୍ତର ପାଖରେ ଓଜାଡି ଆସିବା କଥା । ଏଇ କ'ଣ ଗୋଟେ ଜୀବନ !
- ହାଲୋ ! ହଁ ବାପା କୁହ ।
- ଆରେ ! ବିନୁ ସେ ଟିଭିଟା କାଇଁ ଚାଲୁନିରେ ? ଦେଖିବୁ ତ ।
- ହଁ, ହଉ ବାପା ।
-ଆଉ ? ଆଉ ସବୁ କ'ଣ କେମିତି ଅଛ ? ପିଲେ ? କାମରୁ ଫେରିଲୁଣି ? ତୋ ବୋଉ ପଚାରୁଥିଲା କ'ଣ ଖାଇଥିଲୁ ଆସିକି ଟି ?
- ହଁ ହଁ ହଁ ସବୁ ଠିକ୍ । ସବୁ ଚାଲିଛି । ହଉ ମୁଁ ଘରକୁ ଯାଇକି କଥା ହଉଛି । ଟିକେ ବାହାରେ ଅଛି ।
- ହ ହ ହଉ ରଖେ ରଖେ । ଯା । ଭଲରେ ଥା..... ଫୋନ କଟିସାରିଥିବ ।
ଶନିବାର, ରବିବାର ଦି ଦିନରେ ସପ୍ତାହ ଯାକର ବାକିଆ କାମ, ପିଲାଙ୍କ ପାଠ୍ୟୋତ୍ତର, ଅତିରିକ୍ତ ଚିତ୍ର, ନାଚ, ପହଁରା, ଗୀତ, ଅନ୍ୟାନ୍ୟ କଥା, ପୁଣି ଏ ପାର୍ଟି ସେ ପାର୍ଟି, ଆଉଟିଂ । ଆହୁରି କ'ଣ କ'ଣ ସବୁ ଏସା, ମେସା, ତେସା । ତା' ଭିତରେ ଦେଖା ହୁଅନ୍ତି ଏଇଠି ଗଢି ଉଠିଥିବା ସାଙ୍ଗ କେତେଜଣ । ହଁ ମ' ଏଇଠି ଏଇମାନେ ହିଁ ତ ପରିବାର । ୟାଙ୍କୁ ନେଇ ଚଳାବସା ।
- କିରେ ! କ'ଣ ଟିଭି ହଉଛି କି ? ତୁ କ'ଣ ମଉସାଙ୍କ ଫୋନ ଆସୁ ଆସୁ ଏମିତି କହିଲୁ ?
- ଆରେ ନାଇଁ ମ ! ସେ ମାସିକିଆ ରିଚାର୍ଜ । ନ କଲେ ଟିଭି ଚାଲିବନି । ରିଟାର୍ଡ ପରେ ବାପା ଟିଭି ସହ ସଙ୍ଗାତ ବସିଯାଇଛନ୍ତି । ଅଧଘଣ୍ଟା ନ ଚାଲିଲେ ବି ବ୍ୟସ୍ତ ହେବେ ।
ଅସମ୍ଭାଳ କରିବେ ।
ସମ୍ମିଳିତ ଅଟ୍ଟହାସ୍ୟର ମିଶା ଥଟ୍ଟାଳିଆ ରୋଳଟେ ସଂଧ୍ୟା ପବନରେ ଗୋଳେଇ ହେଉଥାଏ । ଆଉ ଜଣେ ଉପଦେଶ ବାଢିଲେ ....
- ଏମିତି କରୁନ, ଛ' ମାସିଆ କି ବର୍ଷିକିଆ ରିଚାର୍ଜ ପ୍ଲାନ୍ ଗୋଟେ ପକେଇଦଉନ ତମ ଘର ଟିଭିରେ ।
କାମ ଛିଡନ୍ତା !
ପବନ ବହିବା ଥମକି ଗଲା ।
ପୁଅଟି ଅଳ୍ପ ସମୟ ପରେ କହିଲା ....
- ନାଇଁ ଭାଇ, ମାସିକିଆ ଥାଉ । ସେଇ ବାହାନାରେ ଅନ୍ତତଃ ମାସକୁ ଥରେ ପଛେ ହଉ ବାପାଙ୍କ ସାଙ୍ଗରେ କଥା ଦି ପଦ ତ ହେଇଯାଉଛି ।
ପୁଅଟିର ପୁଅ ଫେରୁଥିଲା ତା'ର ଗୀଟାର୍ ଶିଖା ସାରି । ବାପପୁଅ ବାହାରିଲେ 'ଆସିଲି ଭାଇ, ପରେ ଦେଖା' କହି ହାତ ହଲେଇ । ଗାଡି ବୁଲିଲା ମୋଡାଣି ।
ବାଟରେ ପୁଅର ପୁଅ ପଛପଟୁ ତା'ର କୁନି କୋମଳ ହାତକୁ ପଦ୍ମନାଡ଼ ପରି ତା'ବାପା ପେଟ ଚାରିପଟେ ଗୁଡେଇଦେଇ କହିଲା, 'ପାପା ଜାଣିଛ ! ମୁଁ ନା କେତେବେଳେ କ୍ଲାସ ସରିବ ଆଉ ତମ ପାଖକୁ ଆସିବି ଭାବୁଥାଏ, ଯେମିତି ଜେଜେ କୁହନ୍ତି ସିଏ ଚାହିଁ ବସିଥାନ୍ତି କେବେ ଖରାଛୁଟି ହବ ଆଉ ଆମେ ଗାଁକୁ ଯିବା । ଆମେ କେବେ ଯିବା ପାପା । ଲଭ୍ୟୁ ପାପା ।'
ତା'କୋମଳ ଓଠ ସୁକେଶର ପିଠିକୁ ଛୁଇଁଲା ବେଳେ ତା'ର ମନେପଡୁଥିଲା ସିଏ ବସିଥାଏ ଏମିତି ଲୁହା ସାଇକେଲ କ୍ୟାରିଅର୍‌ରେ ତା' ପିଲାଦିନେ, ବାପାଙ୍କ ପିଠିକୁ ଜଡେଇ । ବାପାଙ୍କ ଝାଳୁଆପିଠିର ବାସ୍ନାଟା ନାକ ଅଗରେ ବାଜିଲେ, ଗୋଟେ ବିଶ୍ୱାସ, ଭରସା, ଶାନ୍ତି ଓହ୍ଲାଇ ଆସେ ଆପେ । ବାପାମାନେ ହିଁ ଠାକୁର । ତଥାସ୍ତୁ ଈଶ୍ୱର । ଚକ ଗଡୁଥାଏ କେତେ ଯେ ବାଟ .....
ବାପା ହେଇଯାଉଥାଏ ସିଏ .......... ଧିରେ ଧିରେ .... ରାସ୍ତା ଅତିକ୍ରାନ୍ତ ପଥେ ।
ପ୍ରତିକ୍ଷାର ଅନ୍ତ ନେଇ ସିଏ କହୁଥାଏ ପୁକୁନ୍‌କୁ 'ହଁ ଯିବା । ଏଥର ଦୋଳ ବେଳଠୁ ଆମେ ପଳେଇଯିବା । ଆଉ ଧାନକଟା ବେଳକୁ ବି ଯିବା । ବହୁତ ଖେଳିବୁ ତୁ ଜେଜଙ୍କ ସହ ।'

-ପାନାଥୁର, ବାଙ୍ଗାଲୋର
ମୋ: ୯୭୩୧୦୫୭୦୧୪



# ନିବେଦନ

-ମଧୁମିତା ଦାଶ

ବିନୀତ ଓ ନମ୍ର ହୁଅ
ପ୍ରଜ୍ଞା ଓ ଭାବକୁ ଅନ୍ତତଃ ଧାରଣ
କଲାବେଳେ
ହୁଅ ବି ପବିତ୍ର , ଶାନ୍ତ ପୁଣି ମନୋହର
ଯେତେବେଳେ ତୁମେ ଜଡି ରହିଛ
ସୌନ୍ଦର୍ଯ୍ୟ ଓ ଅନ୍ତରୀଣ ନିରୀହତାରେ ।

ସେହି ଦିବ୍ୟତ୍ୱ ହୁଅ,
ହୁଅ ସେହି ଦେବଦୂତ
ଯିଏ ଶୋଷି ନିଏ
ଚାରି ପାଖର ଦୁଃଖ ଓ ଶୋକ ।
ଆରୋଗ୍ୟ ପାଇଁ ଦିଅ
ତୁମ ପ୍ରେମର ସ୍ପର୍ଶ
କ୍ଳାନ୍ତ ଆଖି, କ୍ଷତାକ୍ତ ଆତ୍ମାମାନଙ୍କୁ
ସାନ୍ତ୍ୱନା ଦେବା ପାଇଁ
ମୁକୁଳାଇ ଦିଅ ଆନନ୍ଦର ଉତ୍ସ ।

-ବସନ୍ତ ପାର୍କ ଆପାର୍ଟମେଣ୍ଟ
ନିୟୁ ଫରେଷ୍ଟ ପାର୍କ , ଭୁବନେଶ୍ୱର
ମୋ: ୯୭୨୩୫୫୦୭୭୯

# ଫଟା ମାଟିର ଲୁହ

-ବିଚିତ୍ରାନନ୍ଦ ଜେନା

ଅଣୁସାର କି କୀଟନାଶ
ବଦଳାଇ ପାରୁନି
ଫଟା ମାଟିର କପାଳ
ହେଇ ଦେଖ
କେମିତି ଆକାଶକୁ ଚାହିଁ ଝରୁଛି
ଫଟା ମାଟିରୁ ଲୁହ
ଲୁହରେ ଓଦା
ମାଟିର ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ

ହେଇ ଦେଖ
ମାଟି ଲୁହରେ
ଘର ବାଡ଼ି ଚପର ଚପର
ଆଉ ଚାଷ କ୍ଷେତରେ
ମହଣେ ଓଜନର ବାରିଧାର

ତଥାପି
ମାଟି ନିଜେ ପୋଛେ
ନିଜ ଆଖିର ଲୁହ

ସ୍ୱପ୍ନରେ ସ୍ୱପ୍ନ ଛନ୍ଦି
ଗାଏ ମେଘ ସହ ଜଣାଣ

କଁଅଳାଏ ପତ୍ର
ସାଉଁଟେ ଫୁଲଫଳ
ଗଢେ ଗ୍ରାମ ନଅର
ତତଲା ପେଟରେ ଭରେ
ମୁଠାଏ ଦୀର୍ଘସ୍ୱାଶ

ହେଲେ
ମାଟି ଫାଟିଲେ
କିଛି ଫରକ ପଡ଼େନି ଆକାଶର
ଆକାଶ ଖାଲି ଦେଖେ
କେତେ ଜଖମ ସହି ଝରୁଛି
ଫଟା ମାଟିର ଲୁହ ।

-ସେଣ୍ଠତୀରା, ବନ୍ତ, ଭଦ୍ରକ
ମୋ: ୯୪୩୮୪୬୬୦୧୭




ଶ୍ରଦ୍ଧା

# ଶ୍ରଦ୍ଧାଙ୍କ ରୋଲ୍ ମଡେଲ୍

ପ୍ରାୟ ଅନେକ କଳାକାର ଜଣଙ୍କ ଅଭିନୟରେ ପ୍ରଭାବିତ ହୋଇ ତାଙ୍କୁ ରୋଲ୍ ମଡେଲ ଭାବରେ ଗ୍ରହଣ କରିଥାଆନ୍ତି। ଆଉ ସେଥିରୁ ଶକ୍ତି ତନୟା ଶ୍ରଦ୍ଧା ବାଦ୍ ପଡନ୍ତେ ବା କିପରି? ହେଲେ ତାଙ୍କର ରୋଲ୍ ମଡେଲ କିଏ ଜାଣିବେନି? ସେ ହେଲେ ମାଧୁରୀ ଦୀକ୍ଷିତ। ଏ ସମ୍ପର୍କରେ ଶ୍ରଦ୍ଧା କୁହନ୍ତି, 'ବଲିଉଡ୍‌ର ପ୍ରାୟ ସବୁ ଅଭିନେତ୍ରୀଙ୍କ ସିନେମାଗୁଡିକ ମୁଁ ଦେଖିଛି। ହେଲେ ମାଧୁରୀଙ୍କ ଅଭିନୟ ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଛି। ବିଶେଷଭାବରେ ସୁପରହିଟ୍ ଫିଲ୍ମ 'ତେଜାବ୍'ର ଲୋକାଦୃତ ଗୀତ 'ଏକ୍ ଦୋ ତିନ୍'ରେ ତାଙ୍କ ଡ୍ୟାନ୍ସକୁ ପ୍ରଶଂସା କରିବାକୁ ମୋ ନିକଟରେ ଭାଷା ନାହିଁ। ତାଙ୍କଠାରୁ ମୁଁ ଅଭିନୟ ବିଷୟରେ ଅନେକ କିଛି ଶିଖିଛି।' ଶ୍ରଦ୍ଧା ଆହୁରି କୁହନ୍ତି, 'ଯେବେଠାରୁ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିଛି ସେବେଠାରୁ ମୋର ପ୍ରତିଟି ଅଫର ବିଷୟରେ ମୁଁ ପାପାଙ୍କ ସହ ବିଶଦ ଭାବରେ କଥା ହୋଇଥାଏ। ସେ ମୋତେ ଅଧିକାଂଶ ସମୟରେ ଅନେକ ଟିପ୍ସ ଦେଇଥାଆନ୍ତି। ଆଉ ଏକ କଥା। ମୁଁ ସବୁବେଳେ ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ହୋଇ ରହିବାକୁ ଚାହେଁନା।'

# ଭାଗ୍ୟବତୀ ଆଲୟା

ଆଲୟା ଏଫ.ଙ୍କ ଖୁସି ଏବେ କହିଲେ ନ ସରେ। ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କୁ ଏକାଥରେ ତିନୋଟି ସିନେମା ପାଇଁ ସାଇନ୍ କରିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଏଭଳି ଅଫର ପାଇବା ପରେ ଆଲୟା ନିଜପଟରୁ ହଁ ଭରି ସାରିଛନ୍ତି। ପ୍ରଯୋଜନା ସଂସ୍ଥା ଖୁବ୍ ଶୀଘ୍ର ଏନେଇ ଆନୁଷ୍ଠାନିକଭାବେ ଘୋଷଣା କରିବ ବୋଲି ସୂଚନା ଦେଇଛନ୍ତି ଏହି ଅଭିନେତ୍ରୀ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ସେ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡିକ ମୋତେ ବେଶ୍ ପ୍ରଭାବିତ କରଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ଆଲୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଜୱାନୀ ଜାନେମନ୍' (୨୦୨୦)ରୁ। ଏହାର ଦୁଇବର୍ଷ ପରେ ଆଉ ଦୁଇଟି ସିନେମା 'ଫ୍ରେଡି' ଏବଂ 'ଅଲମୋଷ୍ଟ ପ୍ୟାର୍ ଉଇଥ୍ ଡିଜେ ମୋହବତ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ଥିବା ଫିଲ୍ମଗୁଡିକ ହେଲା 'ୟୁ ଟର୍ନ', 'ଶ୍ରୀ', 'ବଡେ ମିଆଁ ଛୋଟେ ମିଆଁ' ଏବଂ 'ଏକ ଔର ଗଜବ କାହାନୀ'।


ସାରା


ଆଲୟା

# ଟେନସନ୍‌ରେ ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ କୁଆଡେ ତାଙ୍କର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଏ ନେଇ ବଲିଉଡ୍‌ରେ ଜୋରସୋର ଆଲୋଚନା ଚାଲିଛି। ଯେତେବେଳେ ଏ ବିଷୟରେ ସାରା ଜାଣିବାକୁ ପାଇଲେ ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କେବଳ ସେତିକି ନୁହେଁ, ଏଭଳି ଆଲୋଚନାକୁ ନେଇ ତାଙ୍କର ଟେନସନ ବଢ଼ିଯାଇଛି। କାରଣ ନିକଟରେ ତାଙ୍କୁ ଏକ ଅଫର ମିଳିଥିଲା। ହେଲେ ସେହି ପ୍ରଯୋଜନା ସଂସ୍ଥା ପ୍ରଥମେ ତାଙ୍କର ପାରିଶ୍ରମିକ ବିଷୟରେ ଜାଣିବାକୁ ଚାହିଁଥିଲେ। ଏ ବିଷୟରେ ସାରା କହନ୍ତି, 'କିଏ ଏବଂ କାହିଁକି ମୋ ବିରୁଦ୍ଧରେ ଏଭଳି ଏକ ଭିତ୍ତିହୀନ ତଥା ମିଛ ପ୍ରଚାର ଚଳାଇଛି ତାହା ମୁଁ ଜାଣିପାରୁନି। କେହି ହୁଏତ ମୋତେ ବଦନାମ କରିବାକୁ ପଣ କରିଛି। ୟା' ଭିତରେ ମୁଁ ମୋ ପାରିଶ୍ରମିକ ଆଦୌ ବଢ଼ାଇ ନାହିଁ କି ବଢ଼ାଇବା ଯୋଜନା ମଧ୍ୟ ନାହିଁ। ଏଭଳି ଅପପ୍ରଚାର ପାଇଁ ମୋ ହାତରୁ ଏକ ଅଫର୍ ମଧ୍ୟ ଖସିଯାଇଛି। ତେଣୁ ଏଭଳି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି।' ତାଙ୍କ ଅଭିନୀତ ଶେଷ ଫିଲ୍ମ 'ଗ୍ୟାସଲାଇଟ୍' ୨୦୨୩ରେ ରିଲିଜ ହୋଇଥିଲା। ସେ ଅଭିନୟ କରିଥିବା ଦୁଇଟି ସିନେମା 'ଜରା ହଟକେ ଜରା ବଚକେ' ଏବଂ 'ଏ ୱତନ ମେରେ ୱତନ'ର ଶୁଟିଂ ଇତିମଧ୍ୟରେ ଶେଷ ହୋଇଛି।


ସିମରନ୍-ସ୍ୱରାଜ

# ନୂଆ ଲୁକ୍‌ରେ ସ୍ୱରାଜ

ଆମ ସମାଜରେ ଅନେକ ପ୍ରକାର ପ୍ରଥା ପରମ୍ପରା କାହିଁ କେବେଠାରୁ ରହି ଆସିଛି। ଆମେ ମଧ୍ୟ ସେଗୁଡିକୁ ପ୍ରାୟ ମାନିଥାଉ। ତେବେ ଏଭଳି କଥା ପଛରେ ଲୁଚି ରହିଥିବା ରହସ୍ୟକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ନିକଟରେ ଏହାର ପ୍ରଥମ ଟିଜର୍ ରିଲିଜ ହୋଇଛି ଏବଂ ତାହା ବେଶ୍ ଭାଇରାଲ ହୋଇଛି। ସାନ୍ନିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ଆଉ ଏକ ଖାସ୍ କଥା ରହିଛି। ଏଥିରେ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମନାକୁ ଆସୁଛନ୍ତି ରୋମାଣ୍ଟିକ ଅଭିନେତା ସ୍ୱରାଜ। ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ଶୀତଲ ପାତ୍ର। ଅନ୍ୟପକ୍ଷରେ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସୀମରନ୍ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ୟଶ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ।


ହ୍ରିତିକ

# ଖୋଜୁଛନ୍ତି ହ୍ରିତିକ

ଏବେ ଏକ ନୂଆ ମିଶନରେ ବ୍ୟସ୍ତ ଅଛନ୍ତି ହ୍ରିତିକ ରୋଶନ। ତାହା କ'ଣ ଜାଣନ୍ତି ? ସେ ଏକ ଦମଦାର ବାୟୋପିକ୍ କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି। ଗତ କିଛି ବର୍ଷ ଧରି ବଲିଉଡ୍‌ରେ ବାୟୋପିକ ସିନେମା ନିର୍ମାଣ ଧାରା ଜାରି ରହିଛି। ପୁଣି ସେଗୁଡିକ ମଧ୍ୟରୁ ଅଧିକାଂଶ ହିଟ୍ ସାବ୍ୟସ୍ତ ହେଉଛି। ତେଣୁ ଏଭଳି ଏକ କାହାଣୀ ଖୋଜିବାକୁ ଅଣ୍ଟା ଭିଡିଛନ୍ତି ସେ। ଏଭଳି ମିଶନ ସମ୍ପର୍କରେ ହ୍ରିତିକ କହନ୍ତି, 'ବର୍ତ୍ତମାନ ବଲିଉଡ୍‌ରେ ବାୟୋପିକ୍ ସିନେମା ନିର୍ମାଣ ଧାରା ଜୋର୍ ଧରିଛି କହିଲେ ଆଦୌ ଭୁଲ ହେବ ନାହିଁ। ପୁଣି ବଡ ବଡ଼ ସେଲିବ୍ରିଟି କଳାକାର ଏଥିରେ ଅଭିନୟ କରୁଛନ୍ତି। ତେଣୁ ସେପରି ଏକ କାହାଣୀ ଖୋଜିବାକୁ ମନସ୍ଥ କରିଛି। କେବଳ ସେତିକି ନୁହେଁ, ମୋ ବାୟୋପିକ୍ କାହାଣୀ ମିଶନକୁ ସକ୍‌ସେସ କରିବାକୁ ଯୋଜନା ମଧ୍ୟ ପ୍ରସ୍ତୁତ କରିଛି। ମନଲାଖି କାହାଣୀଟିଏ ମିଳିଗଲା ପରେ ତାହାକୁ କିପରି ଚଳଚ୍ଚିତ୍ରର ରୂପ ଦିଆଯିବ ତାହା ଚିନ୍ତା କରିବି।' ଅନ୍ୟତମ ନାମୀ ପ୍ରଯୋଜକ ଜେ. ଓମ ପ୍ରକାଶଙ୍କ 'ଆଶା'ରେ ହ୍ରିତିକ ଶିଶୁ କଳାକାରଭାବେ ଅଭିନୟ କରିଥିଲେ। ଜଣେ ଅଭିନେତା ହେବା ପୂର୍ବରୁ ସେ ତାଙ୍କର ବାପା ରାକେଶ ରୋଶନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଖୁଦଗର୍ଜ' ଏବଂ 'କରନ୍ ଅର୍ଜୁନ'ରେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ରାକେଶଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶନାରେ ନିର୍ମିତ 'କହୋ ନା ପ୍ୟାର ହୈ'ରେ ହ୍ରିତିକ ପ୍ରଥମ ଥର ପାଇଁ ସୋଲୋ ନାୟକ ଭାବରେ ଅଭିନୟ କରିଥିଲେ।

# ଗୋଟିଏ ଗୀତ ପାଇଁ..

ଦିଶା ପଟାନିଙ୍କୁ ନେଇ ଏବେ ଚର୍ଚ୍ଚା। ୟା' ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ଦିଶା ଏବେ ସଜବାଜ ହେଉଛନ୍ତି। ହେଲେ କ'ଣ ପାଇଁ ? କଥା କ'ଣ କି ଏକ ନୂଆ ସିନେମାରେ ସଂଯୋଜିତ ଗୀତଗୁଡିକ ମଧ୍ୟରୁ ଏକ ସୋଲୋ ଗୀତ ଲାଗି ସେ ସ୍ୱେଶାଲ ସଜବାଜ ଚଳାଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ଦିଶା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ମୋତେ ଏକ ଭିନ୍ନ ଧରଣର ଭୂମିକାରେ ମିଳିଛି, ଯେଉଁଥିରେ ରୋମାଣ୍ଟିକ ସହ ଇମୋଶନ ବି ରହିଛି।' ତେବେ ଏହି ସୋଲୋ ଗୀତରେ ଦିଶା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଦିଶା

# ପ୍ରଥମ ପାରିଶ୍ରମିକ ମା’ଙ୍କୁ ଦେଇଥିଲି

ପ୍ରଥମ ରୋଜଗାର



ଶିଶୁ ସାହିତ୍ୟିକ ତଥା ଅଧ୍ୟାପକ ପ୍ରମୋଦ ବିଶ୍ୱାଳ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀ ଜିଲା ଅସ୍ତରଙ୍ଗ ନିକଟସ୍ଥ ବରାଙ୍ଗ ଗାଁରେ ମୋ ଜନ୍ମ। ଶିକ୍ଷାଗତ ଯୋଗ୍ୟତା ଇଂରାଜୀରେ ସ୍ନାତକୋତ୍ତର। ପେଶାରେ ଜଣେ ଇଂରାଜୀ ଅଧ୍ୟାପକ ହେଲେ ହେଁ, ନିଶା କିନ୍ତୁ ମୋର ଗପ, କବିତା ଲେଖିବା, ଗୀତ ଗାଇବା ଓ ପ୍ରବଚନ ଦେବା। ମୋ ମା’ ଅଲେଖ ଦୀକ୍ଷା ନେଇଥିବାରୁ ପିଲାଦିନେ ଆମଘରକୁ ଅନେକ ସାଧୁସନ୍ଥ ଆସୁଥିଲେ। ସେମାନଙ୍କ ପାଖେ ବସି ଭଜନ, କୀର୍ତ୍ତନ ତଥା ଭକ୍ତି କଥା ଶୁଣି ଶୁଣି ମୋ ଭିତରେ ବି କ୍ରମେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥିଲା। ତା’ସାଙ୍ଗକୁ ରେଡ଼ିଓ ଶୁଣିବାର ନିଶା ମୋତେ ଧୀରେ ଧୀରେ ଗପ, କବିତା ଲେଖିବା ମଧ୍ୟ ଶିଖାଇଦେଲା। ଷଷ୍ଠ/ସପ୍ତମରେ ପଢିଲାବେଳେ ଛୋଟ ଛୋଟ ଗପ, କବିତା ଲେଖିବା ଆରମ୍ଭ କରିଥିଲି। ହେଲେ ଯୁକ୍ତ ଦୁଇରେ ପଢିଲାବେଳେ ପ୍ରଥମ ଥର ପାଇଁ ମୋର ଏକ କବିତା ଆକାଶବାଣୀର ଯୁବବାଣୀ ବିଭାଗ ପାଇଁ ଚୟନ ହେଲା। ‘ତିନୋଟି ପାଖୁଡ଼ା’ ଶୀର୍ଷକ ଏହି କବିତାଟି ରେଡ଼ିଓରେ ବାଜିବା ପରେ ମୋତେ ୭୫ଟଙ୍କା ପାରିଶ୍ରମିକ ମିଳିଥିଲା ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେଥିରୁ ୨୫ ଟଙ୍କା ଗାଁର ତ୍ରିନାଥ ମଣ୍ଡପରେ ମେଳା ପାଇଁ ଦେଇସାରିବା ପରେ ବଳିଥିବା ୫୦ ଟଙ୍କାକୁ ନେଇ ମୁଁ ମୋ ମା’ ହାତରେ ଦେଇଥିଲି। ମା’ ଖୁସିରେ ମୋ ମୁଣ୍ଡକୁ ଆଉଁସିଦେଇ ମୋତେ ସେଦିନ ଢେର୍ ଆଶୀର୍ବାଦ କରିଥିଲା। ଆଉ ତା’ରି ଆଶୀର୍ବାଦରୁ ହିଁ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ସାରିବା ପରେ ଇଂରାଜୀ ଅଧ୍ୟାପକ ଭାବେ ମୋର ପ୍ରଥମ ପୋଷ୍ଟିଂ ବାରଙ୍ଗସ୍ଥିତ କୁଞ୍ଜବିହାରୀ ମହାବିଦ୍ୟାଳୟରେ ହେଲା। ବର୍ଷେ ପରେ ପଟିଆସ୍ଥିତ ରାଜା ମଧୁସୁଦନ ଦେବ ମହାବିଦ୍ୟାଳୟକୁ ମୋର ବଦଳି ହେଲା। ସେବେଠାରୁ ଅର୍ଥାତ୍ ୧୯୯୫ରୁ ଆଜି ପର୍ଯ୍ୟନ୍ତ ମୁଁ ଉକ୍ତ ମହାବିଦ୍ୟାଳୟରେ ଅଧ୍ୟାପନା କରିଆସୁଛି। ଆଉ ତା’ରି ଭିତରୁ ବି ସମୟ ବାହାର କରି ପ୍ରାୟ ୫/୬ ବର୍ଷ ଆକାଶବାଣୀର ଶିଶୁବିଭାଗ ଅଧିନରେ ଆସୁଥିବା ୪ଟି ପ୍ରୋଗାମ୍ ‘ଶିଶୁ ସଂସାର’, ‘ଚକା ଚକା ଭଉଁରୀ’, ‘କିଶୋର ଚକ୍ର’ ତଥା ‘ବିଦ୍ୟାଳୟ କାର୍ଯ୍ୟକ୍ରମ’ ପାଇଁ ଅନେକ ଗପ, କବିତା ମଧ୍ୟ ପଠାଇଛି ଆଉ ସେ ବାବଦେ ପାରିଶ୍ରମିକ ବି ପାଇଛି। ତା’ପରେ ୩/୪ ବର୍ଷ ରେଡ଼ିଓର ବ୍ୟଙ୍ଗ ସାହିତ୍ୟ ଯେମିତିକି ‘ଚହଟ ଚମ୍ପା’ରେ ମଧ୍ୟ ମୋର ଅନେକ ଲେଖା ବାଜିଛି। ‘ଚହଟ ଚମ୍ପା’ ବନ୍ଦ ହୋଇଯିବା ପରେ ଆଉ ରେଡ଼ିଓ ପାଇଁ ଲେଖାଲେଖି କଲିନି ସତ କିନ୍ତୁ ରେଡ଼ିଓ ଶୁଣିବାର ନିଶା ଆଜିଯାଏଁ ମୋର ସେମିତି ରହିଛି। ମୁଁ ଟିଭି ଦେଖିବାକୁ ଭଲ ପାଏନି ହେଲେ ପ୍ରତିଦିନ କିଛିକିଛି ସମୟ ରେଡ଼ିଓ ଶୁଣେ। ଏଥିସହିତ ଶିଶୁ ଗଳ୍ପ ଓ କବିତା ବି ଲେଖେ। ଯା’ ଭିତରେ ‘ଭକ୍ତି ପୁଷ୍ପାଞ୍ଜଳି’ ଓ ‘ଅନାବନା ଭାବନା’ ନାମରେ ଦୁଇଟି ଶିଶୁ କବିତା ସଂକଳନ ମୋର ପ୍ରକାଶିତ ହୋଇସାରିଲାଣି। ଏସବୁବାଦ୍ ନିଜର ଏହି ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି ମୁଁ ୧୦୮ ହନୁମାନ ଚାଳିସା ପାରାୟଣ ବି କରିଥାଏ। ଭକ୍ତି କଥାମୃତ ସମ୍ପର୍କିତ ପ୍ରବଚନ ବି ଦେଇଥାଏ। ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରକୁ ବି ଅନେକ ଥର ପ୍ରବଚନ ଦେବା ପାଇଁ ଯାଇ ଶ୍ରୋତାଙ୍କର ମନ ଜିଣିବାରେ ସକ୍ଷମ ହୋଇପାରି ଥିବାରୁ ମୋତେ ବହୁତ ଆତ୍ମସନ୍ତୋଷ ବି ଲାଗେ।

*–ଅନ୍ୱିତା*

ସାଥୀ

# ମନମୋହିନୀର ଲାଜୁଆ ହସ, ଘଡ଼ିଏ ମିଠାକୁ ଘଡ଼ିଏ ବିଷ




**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ସହ ଭେଟ ହେବା ପରେ ତା’ ସହ ନିବିଡ଼ତା ବଢ଼ିଥିଲା। ଆଉ ଧୀରେ ଧୀରେ ସେହି ସୁନ୍ଦରୀର ଲାଜୁଆ ହସରେ ମୁଁ ମତୁଆଲା ହୋଇଯାଇଥିଲି। ସେ ମୋତେ ପ୍ରେମ କରୁଛି କି ନାହିଁ କେମିତି ଜାଣିବି ?

*–ବିନୟ ସାହୁ, ଅନୁଗୋଳ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ଆପଣ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିଥାନ୍ତେ। କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ। ‘ମନମୋହିନୀର ଲାଜୁଆ ହସ, ଘଡ଼ିଏ ମିଠାକୁ ଘଡ଼ିଏ ବିଷ।’ କେତେକ ହସରେ ଏପରି ଭାଇରସ୍ ଥାଏ ଯେ ତାହାର ଦଂଶନ ସାରା ଜୀବନ ଅନୁଭୂତ ହୋଇଥାଏ। ଯାହା ହସରେ ଆପଣ ମତୁଆଲା ସେ ଆପଣଙ୍କୁ ପ୍ରେମ କରୁଛି କି ନାହିଁ ସେ ନେଇ ଦ୍ୱନ୍ଦରେ ଅଛନ୍ତି। ବାସ୍, ସେହି ସୁନ୍ଦରୀର ଚାହାଣୀରେ ହୁଏତ ପ୍ରେମର ପହିଲି ପୁଲକ ଲୁଚି ରହିଥାଇପାରେ। ତାହାକୁ ଥଣ୍ଡା ମିଜାସ୍‌ରେ ପଢ଼ି ଅନୁଧ୍ୟାନ କରନ୍ତୁ। ହୁଏତ ସେଥିରୁ ଆପଣଙ୍କ ପ୍ରଶ୍ନର ଉତ୍ତର ମିଳିଯାଇପାରେ।

**ପ୍ରଶ୍ନ–**ମୋ ପ୍ରିୟା ସବୁବେଳେ ମୋ ଉପରେ ଅଭିମାନ କରୁଛି। ତାକୁ କିପରି ମନାଇବି ସେନେଇ ମୋତେ କିଛି ଉପାୟ କହିବେ କି ସାଥୀ ?

*–ଅଜିତ ପ୍ରଧାନ, ଜଟଣୀ, ଖୋର୍ଦ୍ଧା*

**ଉତ୍ତର:** ପ୍ରେମିକାର ଅଭିମାନ ଅଦିନିଆ ମେଘ ପରି। କେତେବେଳେ ଆସେ ପୁଣି କେତେବେଳେ ଆଖି ପିଛୁଳାକେ ଚାଲିଯାଏ, ତାହା ଆକଳନ କରିବା ସହଜ ନୁହେଁ। ବାସ୍, ସେହି ଅଭିମାନ ଭିତରେ ଲୁଚି ରହିଥିବା ପ୍ରେମର ସ୍ପେଶାଲ ଚାର୍ମର ମଜା ନିଅନ୍ତୁ। ଦେଖିବେ ଆପଣଙ୍କ ପ୍ରେମ ଦୁନିଆ ଆହୁରି ରଙ୍ଗୀନ ଲାଗିବ। ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ଅନେକ ସମୟରେ ସେଥିରେ ମନର ଅନେକ କଥା ଲୁଚି ରହିଥାଏ। ପ୍ରଥମେ ତାହାକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରେମିକା ସିନା ଆପଣଙ୍କ ଉପରେ ଅଭିମାନ କରିଛି, ହେଲେ ତା’ ଭିତରେ ଅନେକ କଥା ଲୁଚି ରହିଛି। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ୍ ନିଅନ୍ତୁ ନାହିଁ।

**ପ୍ରଶ୍ନ–**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା’ ପ୍ରେମ ଜାଲରେ ବାନ୍ଧି ଦେଇଛି। କ’ଣ କରିବି ଜାଣିପାରୁନାହିଁ।

*–ତପନ ଦାସ, ଜଗତସିଂହପୁର*

**ଉତ୍ତର:** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି। ଘର ସଂସାର କରିବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହୁଇସିଲ ମାରି ଡାକିବା। ତେଣୁ ଜାଣିଶୁଣି ଏଭଳି ଭୁଲ କରିବାକୁ ଯଦି ଅଣ୍ଟା ଭିଡିଛନ୍ତି, ତେବେ ଗୋଟିଏ କଥା ମନେ ପକେଇଲେ ଭଲ ହୁଅନ୍ତା। ତାହା ହେଲା–ଆପଣା ହସ୍ତେ ଜିହ୍ୱା ଛେଦି, କେ ତା’ର ଅଛି ପ୍ରତିବାଦୀ’। ତେଣୁ ବେଳ ଥାଉ ଥାଉ ସାବଧାନ ହୁଅନ୍ତୁ। ନ ହେଲେ ଏହାର ବିସ୍ଫୋରଣରେ ଆପଣଙ୍କ ବୈବାହିକ ଜୀବନ ଧ୍ୱଂସ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ନିଜ ମନକୁ ଆଉ ଆନମନା ନ କରି ନିଜ ପ୍ରେମିକାରୁ ପତ୍ନୀ ସାଜିଥିବା ସୁନ୍ଦରୀ କାନିରେ ଚାବି ପେଣ୍ଡା ପରି ଝୁଲି ରୁହନ୍ତୁ।

**ପ୍ରଶ୍ନ–**ଯାହାକୁ ମୋ ଜୀବନର ସବୁ କିଛି ଉତ୍ସର୍ଗ କରି ପ୍ରେମ କରୁଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ମୋ ମନକୁ ବୁଝାଇ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ପ୍ରସନ୍ନ କୁମାର, ରାଉରକେଲା*

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ପୁଣି ଥରେ ପ୍ରେମ କରିବାକୁ ଆଗେଇବା ଅର୍ଥ ରିସ୍କ ନେବା। ପ୍ରଥମ ପ୍ରେମିକା କାହିଁକି ଆପଣଙ୍କୁ ବିଟ୍ରେ କରି ତା’ ବାଟରେ ଚାଲିଗଲା ତାହା ପ୍ରଥମେ ତର୍ଜମା କରନ୍ତୁ। ଯଦି ପୁଣି ଥରେ ପ୍ରେମ କରିବେ ବୋଲି ମନ ବଳାଇଛନ୍ତି ତେବେ ସେଥିରେ ଯେପରି ପ୍ରଥମ ପ୍ରେମର ପୁନରାବୃତ୍ତି ନ ହୁଏ ସେଥିପ୍ରତି ନଜର ଦେବାକୁ ଭୁଲିବେ ନାହିଁ।

# ଡାଟା ଡିଲିଟ୍ ସମ୍ଭବ କି

**ପର୍ସନାଲ ଡାଟାକୁ ଶେୟାର କଲାବେଳେ ତାହା କ୍ଷତିକାରକ ନ ଲାଗିପାରେ। ହେଲେ ଏହା ସେତେବେଳେ କ୍ଷତିକାରକ ସାବ୍ୟସ୍ତ ହୁଏ ଯେବେ ବ୍ୟକ୍ତିଗତ ତଥ୍ୟଗୁଡ଼ିକ ଭୁଲ୍ ହାତରେ ପଡ଼ିଯାଏ, ପର୍ସନାଲ ଆକାଉଣ୍ଟ ଅବା ଏକ କମ୍ପାନୀର ୱେବସାଇଟ୍ ହ୍ୟାକ୍ ହେଇଯାଏ ।**









କେବେ ଜାଣତରେ ତ କେବେ ଅଜାଣତରେ ଆମେ ଆମର ପର୍ସନାଲ ଡାଟା ବା ବ୍ୟକ୍ତିଗତ ତଥ୍ୟକୁ ଇଣ୍ଟରନେଟ୍‌ରେ ସାର୍ବଜନୀନ କରିଦେଇଥାଉ। ସାଧାରଣତଃ ପର୍ସନାଲ ଡାଟା କହିଲେ ଜଣଙ୍କର ନାମ, ଫୋନ୍ ନମ୍ବର, ଇ-ମେଲ, ଘରର ଆଡ୍ରେସ୍ ଆଦିକୁ ବୁଝାଏ। କିନ୍ତୁ କିଛି କମ୍ପାନୀ ଯା'ଠାରୁ ଅଧିକ ତଥ୍ୟ ଯେମିତିକି ବୟସ, ଲିଙ୍ଗ, ଇଣ୍ଟରେଷ୍ଟ, ରିଅଲ ଟାଇମ୍ ଲୋକେସନ୍, ଫ୍ରେଣ୍ଡସ୍ ଓ ଆପ୍‌ରେ ଜଣଙ୍କର ବିହେଭିୟର୍ କିଭଳି ତାକୁ ବି ସଂଗ୍ରହ କରିଥାନ୍ତି। ଏହିସବୁ ଡାଟାକୁ ଶେୟାର କଲାବେଳେ ତାହା କ୍ଷତିକାରକ ନ ଲାଗିପାରେ। ହେଲେ ଏହା ସେତେବେଳେ କ୍ଷତିକାରକ ସାବ୍ୟସ୍ତ ହୁଏ ଯେବେ ତଥ୍ୟଗୁଡ଼ିକ ଭୁଲ୍ ହାତରେ ପଡ଼ିଯାଏ, ପର୍ସନାଲ ଆକାଉଣ୍ଟ ଅବା ଏକ କମ୍ପାନୀର ୱେସାଇଟ୍ ହ୍ୟାକ୍ ହେଇଯାଏ। ଅବା ଏହାଦ୍ୱାରା କାହାରି ଆର୍ଥିକ କ୍ଷତି ହୁଏ ଓ ବିନା ଅନୁମତିରେ ଜଣଙ୍କ ନାଁରେ କିଛି ନିଷ୍ପତ୍ତି ନିଆଯାଏ। **ସାଇବର୍ ଏକ୍ସପର୍ଟ ପ୍ରଶାନ୍ତ ସାହୁ** କୁହନ୍ତି,''ଆଗରୁ କୁହାଯାଉଥିଲା 'ସବ୍‌ସେ ବଡ଼ା ରୁପୈୟା'। ହେଲେ ଏବେକାର ଯୁଗ ହେଉଛି 'ସବ୍‌ସେ ବଡ଼ା ଡାଟା'। ଯାହା ପାଖରେ ଯେତେ ଡାଟା ସେ ସେତେ ବଡ଼ କମ୍ପାନୀ। ୱାର୍ଲଡର ବଡ଼ ବଡ଼ କମ୍ପାନୀମଧ୍ୟରୁ ଅଧିକାଂଶ ଆଇଟି କମ୍ପାନୀ। ଯେମିତିକି ହ୍ୱାଟ୍ସ ଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଆମାଜନ, ଜିଓ ଆଦି। ବେଳେବେଳେ ମନରେ ଆସୁଥିବ ଫେସ୍‌ବୁକ୍ ମାଗଣାରେ ସେବା ଦେଉଛି ତେବେ ସେ ଏତେବଡ଼ କମ୍ପାନୀ କେମିତି ହେଲା ? ଏହାର ଉତ୍ତର ହେଉଛି ସେମାନଙ୍କ ପାଖରେ ଅଛି ପ୍ରଚୁର ଡାଟା। ସେଇ ଡାଟାକୁ ବିକ୍ରି କରି ସେମାନେ ବଡ଼ କମ୍ପାନୀରେ ପରିଣତ ହେଉଛନ୍ତି। ଅର୍ଥାତ୍ ଆମେ ସେମାନଙ୍କ ପାଇଁ ଗୋଟେ ଗୋଟେ ପ୍ରଡକ୍ଟ। ତଥ୍ୟ ଅନୁଯାୟୀ ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେସ୍‌ବୁକ୍‌ର ୫୦ ମିଲିୟନ ଆମେରିକୀୟ ୟୁଜର୍‌ଙ୍କ ବ୍ୟକ୍ତିଗତ ତଥ୍ୟକୁ କିଣି ସେମାନଙ୍କ ଆଚାର ବ୍ୟବହାରକୁ ଷ୍ଟଡି କରି ଭୋଟର୍‌ଙ୍କୁ ପ୍ରଭାବିତ କରି ରାଷ୍ଟ୍ରପତି ନିର୍ବାଚନ ଜିତିଥିଲେ। ଯାହାକୁ ସୋସିଆଲ ନେଟ୍‌ୱର୍କ ଇତିହାସର ସବୁଠାରୁ ବଡ଼ ଡାଟା ଲିକ୍ ଭାବେ ଗଣନା କରାଯାଏ। ଏହାବାଦ୍ ମୋବାଇଲରେ ଯେତିକି ଆପ୍ ସେସବୁଥିରେ ଆମ ଡାଟା ରହିଛି। ତେଣୁ ବ୍ୟକ୍ତିଗତ ବୋଲି ଆମର ଏବେ ଆଉ କିଛି ନାହିଁ। ଏହିସବୁ ଡାଟା ସାଧାରଣତଃ କ୍ଲାଉଡ ସର୍ଭରରେ ରଖାଯାଏ। ଅର୍ଥାତ୍ ବିଭିନ୍ନ ଦେଶର ସର୍ଭରରେ ଏହି ଡାଟା ଥାଏ। ଫଳରେ ଗୋଟିଏ ଯାଗାରୁ ଡାଟା ଡିଲିଟ୍ କଲେ ବି ଅନ୍ୟ କେଉଁଠି ଡାଟା ରହିଥାଏ। ମନେକର କୌଣସି ଆପ୍ ଆପଣ ଅନ୍‌ଇନଷ୍ଟାଲ କରୁଛନ୍ତି। କିଛି ମାସ ପରେ ଯଦି ତାକୁ ପୁଣି ଥରେ ଇନ୍‌ଷ୍ଟାଲ କରିବେ ଦେଖିବେ ଆପଣଙ୍କର ସବୁ ଡାଟା ଆସିଯିବ। ଅର୍ଥାତ୍ ଆପଣଙ୍କ ଡାଟା ସେଭ୍ କରି ରଖାଯାଉଛି। ତେଣୁ ଡାଟାକୁ ଡିଲିଟ୍ କରିବା ଏତେ ସହଜ ନୁହେଁ। କିନ୍ତୁ ୟୁରୋପରେ ଜିଡିପିଆର (ଜେନେରାଲ ଡାଟା ପ୍ରୋଟେକ୍ସନ ରେଗୁଲେସନ୍)ଆକ୍ଟ ଓ କାଲିଫର୍ନିଆରେ ସିସିପିଏ (କାଲିଫର୍ନିଆ କନ୍‌ଜ୍ୟୁମର୍ ପ୍ରାଇଭେସି ଆକ୍ଟ) ଲାଗୁ ହେଉଛି। ଯାହା ମାଧ୍ୟମରେ ବ୍ୟକ୍ତିଗତ ଡାଟାକୁ ସେଠାକାର ଅଧିବାସୀ କମ୍ପାନୀଗୁଡ଼ିକରୁ ଡିଲିଟ କରିପାରୁଛନ୍ତି। ଭାରତରେ କିନ୍ତୁ ବ୍ୟକ୍ତିଗତ ଡାଟାକୁ ସୁରକ୍ଷା ଦେବା ତଥା ଡାଟା ଡିଲିଟ କରିବାକୁ କୌଣସି କମ୍ପାନୀକୁ କହିବା ପାଇଁ ସେମିତି କିଛି ନିୟମ ନାହିଁ। 'ଦ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ବିଲ ୨୦୨୨' ଆମ ଦେଶରେ ଆସିଥିଲା। ହେଲେ ଏ ଯାଏଁ ତାହା ଲାଗୁ ହେଇନି। କାରଣ ଏଠାରେ ନିୟମଟିଏ ଲାଗୁ ହେବା ପାଇଁ ଲାଗିଯାଏ ବର୍ଷ ବର୍ଷ। ଏ କ୍ଷେତ୍ରରେ ଯେତେ ବିଳମ୍ବରେ ଆଇନ ଆସିବ ଟେକ୍‌ନୋଲୋଜି ସେତେ ଅଧିକ ଡେଭଲପ୍ ହେଇଯାଇଥିବ। ଫେସ୍‌ବୁକ୍ ପରି ବଡ଼ ବଡ଼ କମ୍ପାନୀ ଅନ୍ୟ ଦେଶକୁ ଡାଟା ପ୍ରାଇଭେସି ଭଙ୍ଗ କରିବା ନେଇ ଜରିମାନା ଦେଉଥିବା ଦେଖାଯାଏ। ହେଲେ ଏହି କମ୍ପାନୀଗୁଡ଼ିକ ଭାରତକୁ କେବେ ଜରିମାନା ଦେଉଥିବା ଦେଖିବାକୁ ମିଳେନା। କାରଣ ସେହି ଦେଶଗୁଡ଼ିକ ଡାଟା ପ୍ରୋଟେକ୍ସନ କ୍ଷେତ୍ରରେ ବହୁତ ଷ୍ଟ୍ରିକ୍ଟ। ଆଉ ଆମ ଦେଶରେ ଡାଟା ଲିକେଜ୍‌କୁ ନେଇ ନା ଜନସାଧାରଣ ନା ସରକାର କେହି ବି ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଫଳରେ ଫ୍ରଡ କଲ୍, ସ୍କାମ, ହ୍ୟାକିଂ ଭଳି ଅନେକ ସମସ୍ୟା ଉପୁଜିଥାଏ। ଆମ ପାଖକୁ ଆସୁଥିବା କ୍ରେଡିଟ କାର୍ଡ ପାଇଁ କଲ୍ ହେଉକି ପିଲାଙ୍କ ପାଠପଢ଼ା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ଆସୁଥିବା କଲ, ଏହି ଡାଟା ଲିକେଜ୍ ବା ଡାଟା ସେଲିଂ ପାଇଁ ହିଁ ହୋଇଥାଏ।''

**ଡାଟା ସେଲିଂ ରୋକୁଛି ସିସିପିଏ:** ୨୦୨୦ରେ କାଲିଫର୍ନିଆ କନ୍‌ଜ୍ୟୁମର୍ ପ୍ରାଇଭେସୀ ଆକ୍ଟ(ସିସିପିଏ) କାର୍ଯ୍ୟକାରୀ ହେଇଥିଲା। ଏହି ଆକ୍ଟ ରାଜ୍ୟର ଅଧିବାସୀଙ୍କୁ ନିଜର ଡାଟା ବିକ୍ରି ନ କରିବା ଲାଗି କମ୍ପାନୀଗୁଡ଼ିକୁ କହିବାର ଅଧିକାର ଦେଇଛି । ତା'ସହ ଶେୟାର ହୋଇଥିବା ଡାଟାର କପି ବି ସେମାନେ ମଗାଇ ପାରିବେ ଓ ଉକ୍ତ ଡାଟାକୁ ଡିଲିଟ କରିବାକୁ କହିବାର ଅଧିକାର ବି ଏଥିରେ ଦିଆଯାଇଛି। ଭର୍ଜିନିଆ, କଲରାଡୋରେ ମଧ୍ୟ କନ୍‌ଜ୍ୟୁମର୍ ପ୍ରାଇଭେସି ଆଇନ୍ ପାସ୍ ହୋଇସାରିଛି। ଆଗାମୀ ଦିନରେ ମାସାଚୁସେଟ୍‌ସ, ନ୍ୟୁୟର୍କ, ମିନେସୋଟା, ନର୍ଥ କାରୋଲିନା, ଓହିଓ ପେନ୍‌ସିଲଭାନିଆ ଆଦି ରାଜ୍ୟ ମଧ୍ୟ ପ୍ରାଇଭେସି ଲେଜିସଲେସନ୍‌କୁ ଆପଣେଇପାରନ୍ତି। ସିସିପିଏ ଅନୁସାରେ ଯେଉଁ କମ୍ପାନୀର ୧୦ ମିଲିୟନରୁ ଊର୍ଦ୍ଧ୍ୱ ଗ୍ରାହକ ଅଛନ୍ତି ସେ କମ୍ପାନୀକୁ ବର୍ଷକ ଭିତରେ ଡାଟା ଡିଲିଟ୍ ପାଇଁ କେତେ ଅନୁରୋଧ ଆସିଛି ତାହା ଜଣାଇବା ବାଧ୍ୟତାମୂଳକ। ଆଉ ସେଥିମଧ୍ୟରୁ ସେମାନେ କେତୋଟି ଅନୁରୋଧକୁ ସମ୍ମାନ ଜଣାଇଛନ୍ତି ତା'ର ବିବରଣୀ ବି ସେମାନଙ୍କୁ ଦେବାକୁ ହେବ। ସିସିପିଏ ଆକ୍ଟ କେବଳ କାଲିଫର୍ନିଆବାସୀଙ୍କ ପାଇଁ। ତେବେ ସ୍ପଟିଫାଏ, ଉବର ଓ ଟ୍ୱିଟର ଆଦି କିଛି କମ୍ପାନୀ କହିଛନ୍ତି ଡାଟା ଡିଲିଟ୍‌ର ଅନୁରୋଧ ପୃଥିବୀର ଯେଉଁଠାରୁ ଆସିଲେ ବି ଆମେ ତାକୁ ସମ୍ମାନ ଜଣାଇବୁ। ସେହିଭଳି ନେଟ୍‌ଫ୍ଲିକ୍ସ, ମାଇକ୍ରୋସଫ୍ଟ, ଷ୍ଟାରବକ୍ ଓ ୟୁପିଏସ୍ କମ୍ପାନି ମଧ୍ୟ କହିଛନ୍ତି ସିସିପିଏ ଅଧିକାରକୁ ଆମେ ସବୁ ଆମେରିକୀୟଙ୍କ ପର୍ଯ୍ୟନ୍ତ ପହଞ୍ଚାଇବୁ। କିନ୍ତୁ ସବୁ କମ୍ପାନୀ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କାରଣ ଡାଟା ସେମାନଙ୍କ ପାଇଁ ବହୁତ ମୂଲ୍ୟବାନ।




– ଶିବାନୀ ମହାନ୍ତି



ବିପ୍ଳବ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୪, ରସୁଲଗଡ଼ ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଫଟୋ

ବାଘ ବାଘୁଣୀକୁ କିସ୍ କରିବାକୁ ଆସୁଥାଏ। ଏହା ଦେଖି ବାଘୁଣୀ: ରୁହ ଟିକେ।

ବାଘ: କ'ଣ ହେଲା ?

ବାଘୁଣୀ: ମୁଁ ଟିକେ ଚେକ୍ କରିନିଏ କୋଉଠି ଡିସ୍କଭରୀ ଚ୍ୟାନେଲବାଲା ନାହାନ୍ତି ତ। ନହେଲେ ସେମାନେ ଆମ ରୋମାନ୍ସ ଫଟୋ ଉଠାଇନେବେ।

## ଦରମା

ବାପା ପୁଅକୁ: ଝିଅଘର ତତେ ଦରମା କେତେ ପଚାରିଲେ ତୁ ଅଧିକା କରି କହିବୁ।

ପୁଅ: ହଉ।

ଝିଅ ବାପା: ପୁଅ, ତୁମର ଦରମା କେତେ ?

ପୁଅ: ଏମିତି ଦେଖିଲେ ମୋ ଦରମା ଦେଢ଼ କୋଟି। ହେଲେ କଟି କାଟିକି ମିଳୁଛି ୯୦୦୦ଟଙ୍କା।

## ବିଜୁଳି

ଗୋଟିଏ ଗାଁକୁ ବିଜୁଳି ଆସିବ ବୋଲି ସରକାର ଘୋଷଣା କଲେ। ଏହା ଶୁଣି ସମସ୍ତେ ଖୁସିରେ ନାଚି ଉଠିଲେ। ଏକ କୁକୁର ବି ଖୁସିରେ ନାଚୁଥାଏ। ଏହା ଦେଖି ଜଣେ ବ୍ୟକ୍ତି: ଏ କୁକୁର କାହିଁକି ନାଚୁଛି ?


ଅନ୍ୟ ଜଣେ ବ୍ୟକ୍ତି: ସେ ବି ବହୁତ ଖୁସି ଅଛି। କାରଣ ବିଜୁଳି ଆସିଲେ ଗାଁ ସାରା ଅନେକ ଖମ୍ବ ପୋତା ହେବ। ଆଉ ତା'ଉପରେ ସେ ସୁସୁ କରିବ।

# ମନୋରମ ପର୍ଯ୍ୟଟନସ୍ଥଳୀ ସୋଲନ୍

**ହୀମାଚଳ ପ୍ରଦେଶସ୍ଥିତ ଏକ ଆକର୍ଷଣୀୟ ସହର ହେଉଛି ସୋଲନ୍। ପର୍ଯ୍ୟଟନ ଦୃଷ୍ଟି କୋଣରୁ ବି ଏହା ବେଶ୍ ସମୃଦ୍ଧ। କାରଣ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଆଧ୍ୟାତ୍ମିକ ପୀଠ ସମେତ ବହୁ ମନୋରମ ଦର୍ଶନୀୟ ସ୍ଥାନ...**



ସୋଲନ୍ ହେଉଛି ହୀମାଚଳ ପ୍ରଦେଶସ୍ଥିତ ଏକ ଆକର୍ଷଣୀୟ ତଥା ମନୋରମ ସହର। ଏଠାରେ ରହିଛି ଏକାଧିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ। ଖାସ୍‌କରି ଏଠାରେ ଦେଖିବାକୁ ମିଳୁଥିବା ସବୁଜ ବନାନୀ ଘେରା ଉଚ୍ଚଉଚ୍ଚ ପାହାଡର ଅପୂର୍ବ ପ୍ରାକୃତିକ ଦୃଶ୍ୟ ତଥା ଆଧ୍ୟାତ୍ମିକ ପୀଠର ସୌନ୍ଦର୍ଯ୍ୟ ବେଶ୍ ମନଛୁଆଁ ହୋଇଥାଏ।






କେବଳ ପର୍ଯ୍ୟଟନ ଦୃଷ୍ଟି କୋଣରୁ ନୁହେଁ ଏଠାକାର ସଂସ୍କୃତି ଓ କଳା ମଧ୍ୟ ବେଶ୍ ସମୃଦ୍ଧ ଆଉ ହୃଦୟସ୍ପର୍ଶୀ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

### କ'ଣ ଦେଖିବେ

ଏଠାରେ ପର୍ଯ୍ୟଟକ ମା' ଶୋଲିନି ଦେବୀଙ୍କ ମନ୍ଦିର, ଜାଟୋଲି ମନ୍ଦିର, ବଡ଼ି କି ଧାର, ଚେଲ୍, କସୌଲି, ମୋହନ୍ ପାର୍କ, ସୋଲନ ବାଇପାସ୍, ସିଲି ଅଭୟାରଣ୍ୟ, ଅମରାବତୀ ହିଲ୍, ହିଷ୍ଟୋରିକାଲ୍ ଥୋଡ଼ୋ ଗ୍ରାଉଣ୍ଡ, କୁନିହାର୍ ଭାଲେ, ନଉନି ଦୁର୍ଗ ଇତ୍ୟାଦି ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ସୋଲନ୍‌ରେ ହେଉଥିବା ଶୋଲିନି ମହୋତ୍ସବ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସୋଲନ୍‌ର ଏହିସବୁ ପର୍ଯ୍ୟଟନସ୍ଥଳୀଗୁଡ଼ିକ ଯେତିକି ମନୋରମ ହୋଇଥାଏ ସେତିକି ଆଶ୍ଚର୍ଯ୍ୟକର ବି ଲାଗିଥାଏ।



### ଅନ୍ୟାନ୍ୟ ଆକର୍ଷଣ

ପର୍ଯ୍ୟଟକ ଏଠାରେ କେବଳ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବେ ତାହା ନୁହେଁ, ଏଠାରେ ଟ୍ରେକିଂ, ମାଉଣ୍ଟେନିଂର ଭରପୂର ମଜା ମଧ୍ୟ ନେଇପାରିବେ।

### ଅର୍ଥନୀତି

ଏହି ସହରର ଅର୍ଥନୀତି ମୁଖ୍ୟତଃ ଟମାଟୋ, ପ୍ଲମ୍, ଆପ୍ରିକଟ୍, କିଉ ଏବଂ ସେଓ ଉତ୍ପାଦନ ଉପରେ ନିର୍ଭର କରିଥାଏ। ତା'ଛଡ଼ା ଏଠାରେ ଛତୁ ଚାଷ ବହୁତ ଭଲ ହୋଇଥାଏ ବୋଲି ବି ସୂଚନା ରହିଛି। ଚାଷବାସ ବ୍ୟତିତ ପର୍ଯ୍ୟଟନରୁ ବି ଏଠାକାର ବାସିନ୍ଦା ବେଶ୍ ଦୁଇ ପଇସା ଲାଭ କରିଥାନ୍ତି।

### କଳା ଓ ସଂସ୍କୃତିରେ ସର୍ବୋତ୍ତମ

ଏଠାକାର କଳା ଓ ସଂସ୍କୃତି ବେଶ୍ ସମୃଦ୍ଧ। ସ୍ଥାନୀୟ ଅଞ୍ଚଳର ପାରମ୍ପରିକ ନୃତ୍ୟ ଓ ଗୀତ ବେଶ୍ ମନଛୁଆଁ ହୋଇଥାଏ। ଅତିଥି ଚର୍ଚ୍ଚାରେ ବି ବେଶ୍ ମାହିର ଏଠାକାର ବାସିନ୍ଦା।

### ଇକୋ-ଟୁରିଜିମ୍‌ରେ ବି ନାଁ ରହିଛି

ଇକୋ-ଟୁରିଜିମ୍ କ୍ଷେତ୍ରରେ ବି ସୋଲନ୍‌ର ରହିଛି ବେଶ୍ ନାଁ ଆଉ ଖ୍ୟାତି। ପାହାଡ, ପର୍ବତ ଘେରା ଏହି ଅଞ୍ଚଳର ଲୋକମାନେ ପରିଷ୍କାର, ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି ବୋଲି ବି ସୂଚନା ରହିଛି।

### କେବେ ଓ କେମିତି ଯିବେ

ସୋଲନ୍‌ର ପାଣିପାଗ ବର୍ଷସାରା ବେଶ୍ ଅନୁକୂଳ ରହିଥାଏ। ଏଠାରେ ନା ବେଶୀ ଗରମ ହୁଏ ନା ବେଶୀ ଶୀତ। ସେଥିପାଇଁ ଏଠାକୁ ବର୍ଷସାରା ପର୍ଯ୍ୟଟକ ବୁଲି ଆସିଥାନ୍ତି। ହେଲେ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଖରାଦିନେ ଏଠାକୁ ବୁଲିଯିବା ସର୍ବୋତ୍ତମ ହୋଇଥାଏ। ସେହିପରି ଏଠାକୁ ଯିବା ସକାଶେ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ବସ୍, ଟ୍ରେନ୍ ହେଉ ଅବା ବିମାନ ଯୋଗେ ବି ଏଠାକୁ ଯାଇହେବ। ପର୍ଯ୍ୟଟକ ଚାହିଁଲେ ନିଜସ୍ୱ ଗାଡିରେ ମଧ୍ୟ ଆରାମରେ ଯାଇ ଏଠାରେ ପହଞ୍ଚିପାରିବେ।



# ଫାଉଣ୍ଟେନ ପେନ୍





**ଦିନ ଥିଲା ମନର ଭାବକୁ ମଣିଷ ବିଭିନ୍ନ ପକ୍ଷୀର ପରକୁ ସ୍ୟାହୀରେ ବୁଡ଼ାଇ ଲେଖୁଥିଲା। ପରେ ଆସିଲା କଲମ ବା ଫାଉଣ୍ଟେନ ପେନ୍‌ର ଯୁଗ। ଯେଉଁଥିରେ ସ୍ୟାହୀ ସଞ୍ଚୟ କରି ରଖିବାର ବ୍ୟବସ୍ଥା ଥିଲା। ହେଲେ ଜାଣନ୍ତି କି ଏହାକୁ କିଏ ପ୍ରଥମେ ତିଆରି କରିଥିଲେ?**

ଦିନ ଥିଲା ମନର ଭାବକୁ ମଣିଷ ବିଭିନ୍ନ ପକ୍ଷୀର ପରକୁ ସ୍ୟାହୀରେ ବୁଡାଇ ଲେଖୁଥିଲା। ପରେ ଆସିଲା କଲମ ବା ଫାଉଣ୍ଟେନ ପେନ୍‌ର ଯୁଗ। ଯେଉଁଥିରେ ସ୍ୟାହୀ ସଞ୍ଚୟ କରି ରଖିବାର ବ୍ୟବସ୍ଥା ଥିଲା। ଲେଖିବାବେଳେ ସେହି ସ୍ୟାହୀ ନିବ ଦେଇ ବାହାରୁଥିଲା। ପରେ ଆସିଲା ବଲ୍ ପଏଣ୍ଟ ପେନ୍‌ର ଯୁଗ। ଏହାର ଚାହିଦା ଏତେ ରହିଲା ଯେ ଫାଉଣ୍ଟେନ ପେନ୍‌ର ଆଦର କମିଗଲା। ତେବେ ଏହାର ଚାହିଦା ଏବେ ବି ସମ୍ପୂର୍ଣ୍ଣଭାବେ କମିନି। ଆଜି ମଧ୍ୟ ଅନେକେ ସୁନ୍ଦର ହସ୍ତାକ୍ଷର ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ହେଲେ ଜାଣନ୍ତି କି ଏହାକୁ କିଏ ପ୍ରଥମେ ତିଆରି କରିଥିଲେ ? ପେଟ୍ରାଚେ ପୋଏନରୁଙ୍କୁ ପ୍ରଥମ ଫାଉଣ୍ଟେନ ପେନ୍‌ର ଉଦ୍ଭାବକ କୁହାଯାଏ। ସେ ଏକ ହଂସର ବଡ଼ ପରକୁ ବ୍ୟବହାର କରି ଏହାକୁ ତିଆରି କରିଥିଲେ। ଯେଉଁଥିରେ ସ୍ୟାହୀ ଷ୍ଟୋର କରି ରଖିହେଉଥିଲା। ପରେ ରବର୍ଟ ୱିଲିୟମ ଥମ୍‌ସନ୍ ୧୮୪୯ରେ ବି ଏକ ଫାଉଣ୍ଟେନ ପେନ୍ ଉଦ୍ଭାବନ କରିଥିଲେ, ଯାହା କିଛିଟା ଉନ୍ନତମାନର ଥିଲା।

**ଭାରତରେ ଫାଉଣ୍ଟେନ ପେନ୍:** ଭାରତରେ ୮୦-୯୦ ଦଶକରେ ଫାଉଣ୍ଟେନ ପେନ୍ ବେଶି ଲୋକପ୍ରିୟ ହେଇଥିଲା। ପିଲାଠାରୁ ବୟସ୍କ ସମସ୍ତେ ଏହାକୁ ବ୍ୟବହାର କରୁଥିଲେ। ତେବେ ସରକାରୀ ଭାବେ ୧୯୩୨ରେ ରତ୍ନମ୍ ପେନ୍ ୱାର୍କସ୍ ଦ୍ୱାରା ନିର୍ମିତ ହୋଇଥିଲା ପ୍ରଥମ ଭାରତୀୟ ଫାଉଣ୍ଟେନ ପେନ୍। ଆଉ ସେହି ସ୍ୱଦେଶୀ କଲମକୁ ୧୯୩୫ରେ ମହାତ୍ମା ଗାନ୍ଧୀଙ୍କୁ ପ୍ରଦାନ କରାଯାଇଥିଲା। ୮୦-୯୦ ଦଶକରେ କାନପୁର ସହର ଫାଉଣ୍ଟେନ ପେନ୍ ତିଆରି କରୁଥିବା ଅଗ୍ରଣୀ ସହରଭାବେ ପରିଚିତ ଥିଲା। ଏଠାରେ ୧୦ରୁ ଅଧିକ ଫାଉଣ୍ଟେନ ପେନ ଫ୍ୟାକ୍ଟରୀ ଥିଲା। ଏଠାରେ ନିର୍ମିତ ଫାଉଣ୍ଟେନ ପେନ୍ ସାରା ପୃଥିବୀରେ ପ୍ରସିଦ୍ଧ ଥିଲା। ଏବେ କାନପୁରରେ କେବଳ 'କ୍ୟାନରାଇଟ୍' ନାମକ କମ୍ପାନୀ ଫାଉଣ୍ଟେନ ପେନ୍ ତିଆରି କରୁଛି, ଯାହାକି ୧୯୮୬ରୁ ଫାଉଣ୍ଟେନ ପେନ୍ ତିଆରି କରି ଆସୁଛି। ୯୦ ଦଶକର ଶେଷଭାଗକୁ ଡଟ୍ ପେନ, ବଲ ପଏଣ୍ଟ ପେନ, ଜେଲ ପେନ୍, ରୋଲର୍ ପେନ୍ ଆସିଯିବା ଦ୍ୱାରା ଫାଉଣ୍ଟେନ ପେନ୍‌ର ବଜାର ଧରାଶାୟୀ ହେଇଗଲା। ହେଲେ ଏବେ ଦେଖିବାକୁ ମିଳୁଛି ପୁଣିଥରେ ଏହାର ଚାହିଦା ବଢୁଛି। ତେଣୁ ଭାରତ ସହିତ ୨୫ଟି ଦେଶରେ କାନପୁରର ଫାଉଣ୍ଟେନ ପେନ୍ ଓ ନିବ୍‌ର ଚାହିଦା ଜବରଦସ୍ତ ବଢିଛି। ପୃଥିବୀରେ ୪ଟି ଦେଶ ଫାଉଣ୍ଟେନ ପେନ ତିଆରି କରୁଛନ୍ତି। ସେ ହେଲା ଜର୍ମାନୀ, ଜାପାନ, ଚାଇନା ଓ ଭାରତ। ଜର୍ମାନୀ ଓ ଜାପାନରେ ନିର୍ମିତ ପେନ ବହୁତ ଦାମୀ ହୋଇଥାଏ। ଚାଇନାରେ ପ୍ରସ୍ତୁତ ଫାଉଣ୍ଟେନ ପେନ୍‌ର କ୍ୱାଲିଟି ଭଲ ନ ଥାଏ। ହେଲେ ଭାରତରେ ତିଆରି ଫାଉଣ୍ଟେନ ପେନ୍‌ର କ୍ୱାଲିଟି ଓ ଦାମ ଉଭୟ ଭଲ। ତେଣୁ ଭାରତୀୟ ଫାଉଣ୍ଟେନ ପେନ୍‌ର ଚାହିଦା ସାରା ପୃଥିବୀରେ ଅଛି। ତେବେ ଭାରତ ସମେତ ଅନ୍ୟ ଦେଶଗୁଡିକରେ ଫାଉଣ୍ଟେନ ପେନ୍ ଏବେ କେବଳ ସଉକଭାବେ ବ୍ୟବହାର କରାଯାଉଛି। ସୁନା ଓ ପ୍ଲାଟିନମ୍ ନିବ୍ ଥିବା ଫାଉଣ୍ଟେନ ପେନ୍‌କୁ ଅନେକେ ସଉକଭାବେ କିଣୁଛନ୍ତି।



# ପୋଡ଼ା ଖାଦ୍ୟର ସଂଗ୍ରହାଳୟ




ବେଳେ ବେଳେ ଅସାବଧାନତା ହେତୁ ରୋଷେଇ କରିବାବେଳେ ଖାଦ୍ୟ ଜଳିଯାଏ। ମନ ଭାରି ଖରାପ ଲାଗେ। ଆଉ ଆମେ ତାକୁ ଫୋପାଡିବାକୁ ବାଧ୍ୟ ହେଉ। କିନ୍ତୁ ଜାଣନ୍ତିକି ଏମିତି ଯଦି ଆଗକୁ କେବେ ହେଉଛି ମନ ଜମାରୁ ଦୁଃଖ କରିବେ ନାହିଁ, କି ସେହି ପୋଡା ଖାଦ୍ୟକୁ ଫୋପାଡ଼ିବେ ନାହିଁ। ବରଂ ତାକୁ ସାଇତି ରଖିବେ। କାରଣ ଆମେରିକା, ମାସାଚୁସେଟ୍‌ସ୍‌ରେ ଅଛି ପୋଡା ଖାଦ୍ୟର ସଂଗ୍ରହାଳୟ। ଏହି ସଂଗ୍ରହାଳୟରେ ବିଭିନ୍ନ ପ୍ରକାରର ପୋଡା ଖାଦ୍ୟ ପ୍ରଦର୍ଶିତ ହେଉଛି। ତେବେ ଏହାର ଆରମ୍ଭ ପଛରେ ଅଛି ଏକ ସତ କାହାଣୀ। ଥରେ ଗ୍ରାମୀ ଆୱାର୍ଡ ପାଇଁ ଚୟନ ହୋଇଥିବା ଦେବୋରାହ ହେନସନ୍ କନାଣ୍ଟ ହଟ୍ ଆପଲ୍ ସାଇଡର୍ ତିଆରି କରୁଥାନ୍ତି। ଏତିକିବେଳେ ତାଙ୍କୁ କେହି ଫୋନ କଲେ। ସେ ଫୋନ୍ ରିସିଭ୍ କରି କଥା ହେଲେ। ଆଉ କଥା ଶେଷ ହେବା ବେଳକୁ ଦେଖିଲେ ତାଙ୍କ ଡିସ୍‌ଟି ପୁରାପୁରି ଜଳି ଯାଇଥିଲା। ପରେ ତାଙ୍କର ଏହି ଆପଲ ସାଇଡର୍‌କୁ ସଂଗ୍ରହ କରି ରଖାଯାଇଥିଲା। ଏହାପରଠାରୁ ଅନେକ ପୋଡା ଖାଦ୍ୟ ଉକ୍ତ ସଂଗ୍ରହାଳୟରେ ରଖାଗଲା। ଉକ୍ତ ସଂଗ୍ରହାଳୟରେ ପୋଡା ଲେମ୍ବୁ, ପୋଡ଼ା ମାଛ, ପୋଡ଼ା ଆଳୁ, ପୋଡା ଚିକେନ୍ ପରି ଅନେକ କିଛି ସଂଗ୍ରହ କରି ରଖାଯାଇଛି। ଏହି ସଂଗ୍ରହାଳୟ ବର୍ଷସାରା ଖୋଲା ରହେ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଭଗବାନ କାହିଁକି ଚୁପ୍ ରୁହନ୍ତି

ଗୋଟିଏ ମଣିଷ ସଙ୍ଗରେ କଥା ହେଲେ ସେ ଆମ କଥା ଶୁଣେ । ଦରକାର ପଡିଲେ ପ୍ରତିଉତ୍ତର ମଧ୍ୟ ଦିଏ । ମଣିଷ କଥା ଛାଡି । ଟିକେ ଇତର ଜୀବଜନ୍ତୁ କଥା ଚିନ୍ତା କଲେ । ଶୁଆ, କୁକୁର, ଛେଳି, ନେଉଳ, ବିରାଡ଼ି ଆଦି ଙ୍କୁ ଟିକେ ସ୍ନେହ ପ୍ରୀତି ପ୍ରଦାନ କରି ଡାକିଲେ ସେମାନେ ବି ପ୍ରତିକ୍ରିୟା ପ୍ରକାଶ କରନ୍ତି । ପାଖକୁ ଚାଲି ଆସନ୍ତି । ଦେହରେ ଘଷି ହୁଅନ୍ତି । କିନ୍ତୁ ଗଣେଶ, ସରସ୍ୱତୀ, ହନୁମାନ, ବିଷ୍ଣୁ, ଶିବ ଆଦି ଦେବତାଙ୍କ ମନ୍ଦିରକୁ ଯାଇ ସେମାନଙ୍କୁ ପ୍ରାର୍ଥନା କଲେ ସେମାନେ କାହିଁକି ମଣିଷ ସହ କଥା ହୁଅନ୍ତି ନାହିଁ, ଚୁପ ରୁହନ୍ତି – ଏ ପ୍ରଶ୍ନ ଟି ଗୋଟିଏ ଯୁବକ ଙ୍କ ମନରେ ଘାରିଲା । କଣ କରିବ, କାହାକୁ ଏ କଥା ପଚାରିବ, କିଏ ଏହାର ଯଥାର୍ଥ ଉତ୍ତର ଦେବ – ଏ କଥା ଚିନ୍ତା କରି କରି ଯୁବକଟି ପହଂଚିଲେ ଏକ ପୂଜକଙ୍କ ନିକଟରେ । ଯୁବକଙ୍କ ଠାରୁ ଜିଜ୍ଞାସା ଟିକକ ଶୁଣି ସାରିବା ପରେ ପୂଜକ କହିଲେ – ମୁଁ ସିନା ଠାକୁରଙ୍କ ସେବା ପୂଜା କରୁଛି କିନ୍ତୁ ଏ ପ୍ରଶ୍ନଟି ବି ମୋ ମନରେ ବହୁଦିନ ହେଲା ଉଙ୍କି ମାରୁଛି । ଠିକ ଅଛି ଆଜି ଏ ପ୍ରଶ୍ନ ଇଶ୍ୱରଙ୍କୁ ପଚାରିବି । ହେ ଯୁବକ ! ତୁମେ କାଲିକି ଆସ । ଉତ୍ତର ଦେବି ।

ପରଦିନ ସକାଳୁ ସକାଳୁ ଦେବନୀତି ପରେ ପରେ ପୂଜକ ପଚାରି ବସିଲେ – ହେ ଭଗବାନ ! ତୁମେ ଏମିତି ସବୁବେଳେ କେମିତି ଚୁପ ହୋଇ ବସି ପାରୁଛ ? ମୁହଁ ଖୋଲୁନ କାହିଁକି ? ?

ସେବାକାରୀ ପୂଜକର କଥା ଶୁଣି ଭଗବାନ ହଠାତ୍ ପ୍ରକଟିତ ହୋଇ କହିଲେ – ଚୁପ୍ ହୋଇ ନ ବସିଲେ ମୁଁ ସଂସାର କାର୍ଯ୍ୟ କରି ପାରିବି ନାହିଁ। ତୁମେ କ'ଣ ଭାବୁଛ ଯେ, ଗୋଟିଏ ଜାଗାରେ ଚୁପ ହୋଇ ଘଣ୍ଟା ଘଣ୍ଟା ଧରି ବସି ରହିବା ଏକ ଛୋଟିଆ କାର୍ଯ୍ୟ ବୋଲି ?

– ଏହାଠାରୁ ସହଜ ଓ ସରଳ କାର୍ଯ୍ୟ ଜଗତରେ ଆଉ କ'ଣ ଅଛି ପ୍ରଭୁ। ମୋତେ ଗୋଟିଏ ଦିନ ପାଇଁ ସେ ଦାୟିତ୍ୱ ପ୍ରଦାନ କରନ୍ତୁ । ଦେଖିବା କଣ ହେଉଛି । ପୂଜକ ଉତ୍ତର ଦେଲେ । ଭକ୍ତବତ୍ସଳ ଭଗବାନ ପୂଜକକୁ କହିଲେ, ଠିକ ଅଛି ତୁମ କାମନା ଅବଶ୍ୟ ପୂରଣ ହେବ । ତୁମେ ଆଜି ଦିନଟି ମୋ ଆସନରେ ବସ । ଆଜି ମନ୍ଦିରକୁ ବହୁତ ଭକ୍ତ ଆସିବେ । କିନ୍ତୁ, ସାବଧାନ ! କୌଣସି ପରିସ୍ଥିତିରେ ବି ମୁହଁ ଖୋଲିବ ନାହିଁ । ପୁରା ଚୁପ ରହିବ । ତା ପରେ ଜାଣିବ ଯେ ମୁଁ କାହିଁକି ସବୁବେଳେ ମୌନ ରୁହେ ।

ଭଗବାନଙ୍କ ଆସନରେ ଚୁପ ହୋଇ ବସିଲେ ପୂଜକ । ମନ୍ଦିରକୁ ସେଦିନ ପ୍ରଥମେ ଜଣେ ଭକ୍ତ ଆସିଲେ । ପ୍ରଥମ ଭକ୍ତ ଟି ମନ୍ଦିର ହୁଣ୍ଡୀ ରେ ଲକ୍ଷେ ଟଙ୍କା ପକାଇବା ବେଳେ ତାହା ଭୁଲରେ ହୁଣ୍ଡୀ ତଳେ ଯାଇ ପଡିଲା । ଭକ୍ତଟି ଫେରି ଯାଉଥିବା ବେଳେ ପୂଜକର ଇଚ୍ଛା ହେଉଥିଲା ଯେ ସେ ଭକ୍ତଟିକୁ ଡାକି ତଳେ ପଡି ଯାଇଥିବା ତା ଅର୍ଥ ବାବଦରେ କହିବ ବୋଲି କିନ୍ତୁ ତାକୁ ଚୁପ ରହିବା ପାଇଁ କୁହା ଯାଇଥିବାର କଥା ମନେ ପକାଇ ସେ ନିରବ ରହିଲେ ।

କିଛି ସମୟ ପରେ ଦ୍ୱିତୀୟ ଜଣେ ଭକ୍ତ ଆସିଲେ । ସେ ହୁଣ୍ଡୀ ରେ ଟଙ୍କା ଟିଏ ପକାଇ ଦେଇ ଏଡ଼େ ପାଟିରେ କହିଲା – ପ୍ରଭୁ ! ମୋର ଆଜି ଲକ୍ଷେ



ଟଙ୍କା ଦରକାର । ମୋତେ ଦିଅନ୍ତୁ ।

ମାତ୍ର ଟଙ୍କାଟିଏ ଦେଇ ଲକ୍ଷେ ମାଗୁଥିବାର ଶୁଣି ପୂଜକର ରକ୍ତ ଗରମ ହୋଇଗଲେ ବି ସେ ଚୁପ ରହିଲେ । ଏଣେ ଏ ଦ୍ୱିତୀୟ ଭକ୍ତ ଜଣକ ଠାକୁରଙ୍କୁ ମୁଣ୍ଡିଆ ମାରୁଥିବା ବେଳେ ହୁଣ୍ଡୀ ତଳେ ପଡ଼ିଥିବା ଲକ୍ଷେ ଟଙ୍କା ପାଇ ଢେର ଖୁସି ହୋଇ 'ଆଜି ପ୍ରଭୁ ମୋ ଡାକ ଶୁଣିଲେ' ବୋଲି କହି ଖୁସିରେ ଲମ୍ବା ପାହୁଣ୍ଡ ପକାଇ ବାହୁଡ଼ିଲା । ପୂଜକ ଏସବୁ ଦେଖି ମନେ ମନେ ସେ ଲୋକଟି ଉପରେ କ୍ରୁଦ୍ଧ ହେଉଥିଲେ ବି ସର୍ତ୍ତ ଅନୁସାରେ ଚୁପ ରହିଲେ ।

କିଛି ସମୟ ପରେ ତୃତୀୟ ଭକ୍ତ ନିଜ ପରିବାର ସହ ନାନାଦି ପ୍ରକାର ଭୋଗ ରାଗ ଧରି ଆସିଲେ । ସେ କିଛି ସମୟ ଧରି ପୂଜାର୍ଚ୍ଚନାରେ ଲାଗି ରହିଲେ । ରାତି ପାହିଲେ ଏଇ ତୃତୀୟ ଭକ୍ତ ଦୀର୍ଘ ଦିନ ପାଇଁ ଜଳଯାତ୍ରା ରେ ଯିବାର ଥିବାରୁ ସେ ଏବଂ ତାଙ୍କ ପରିବାର ଏକ ସୁଖଦ ଯାତ୍ରା ନିମନ୍ତେ ପ୍ରାର୍ଥନା କରି ମନ୍ଦିର ଛାଡିଲେ ।

ଏଇ ସମୟ ମଧ୍ୟରେ ମନ୍ଦିରର ଜଣେ କର୍ମକର୍ତ୍ତା ହୁଣ୍ଡୀକୁ ଖୋଲି ଲକ୍ଷେ ଟଙ୍କା ନେବା ପାଇଁ ଚାହିଁଲେ । କାରଣ ସେତେବେଳେକୁ ପ୍ରଥମ ଭକ୍ତ ଜଣକ ଲକ୍ଷେ ଟଙ୍କା ଦାନ କରିଛି ବୋଲି ପ୍ରଚାରିତ ହୋଇ ସାରିଥାଏ । କିନ୍ତୁ ହୁଣ୍ଡୀରୁ ଆବଶ୍ୟକ ଟଙ୍କା ନ ମିଳିବାରୁ ସେ ସ୍ଥାନୀୟ ପୁଲିସକୁ ଖବର ଦେଲେ । ପୁଲିସ ତୁରନ୍ତ ପହଂଚି ସନ୍ଦେହରେ ତୃତୀୟ ଭକ୍ତକୁ ଗିରଫ କରି ନେଇ ଯାଉଥିବା ସମୟରେ ଭଗବାନଙ୍କ ଆସନରେ ବସିଥିବା ପୂଜକ ଆଉ ଚୁପ ହୋଇ ବସି ପାରିଲେ ନାହିଁ । ଦ୍ୱିତୀୟ ଭକ୍ତଟି ଲକ୍ଷେ ଟଙ୍କା ନେଇଛି ବୋଲି କହିବାରୁ ତୃତୀୟ ଭକ୍ତକୁ ଛାଡି ପୋଲିସ ଦ୍ୱିତୀୟ ଭକ୍ତଠୁଁ ସେତକ ଟଙ୍କା ଉଦ୍ଧାର କରି ତାକୁ ହାଜତକୁ ପଠାଇଦେଲା ।

ତା' ପର ଦିନ ଭଗବାନ ପୂଜକକୁ ନିଜ ଅନୁଭବ ବାବଦରେ ପଚାରିବାରୁ ପୂଜକ ବେଶ୍ ଖୁସି ହୋଇ ତୃତୀୟ ଭକ୍ତକୁ ପୁଲିସ କବଳରୁ ଉଦ୍ଧାର କରି ଦ୍ୱିତୀୟ ଚୋର ଭକ୍ତକୁ ଦଣ୍ଡ ଦେବା ପ୍ରସଙ୍ଗ କଥା ବେଶ୍ କୃତ୍ୟ କୃତ୍ୟ ହୋଇ ବର୍ଣ୍ଣନା କଲେ । ଭଗବାନ କହିଲେ, ରେ ମୂର୍ଖ ପୂଜକ ! ତୁ କ'ଣ କଲୁ !!

ପ୍ରଥମ ଭକ୍ତଟି ଥିଲା ଚୋର । ସେ ଯାହା ଚୋରୀ କରେ ଅଧା ମୋତେ ଦିଏ । ଦ୍ୱିତୀୟ ଭକ୍ତର ସ୍ତ୍ରୀ ଅପରେସନ ପାଇଁ ଲକ୍ଷେ ଟଙ୍କା ଦରକାର ଥିଲା । ଲକ୍ଷେ ଟଙ୍କା ସେ ନେଇଥାନ୍ତା । ତୋ' ଭୁଲ ପାଇଁ ସେ ଏବେ ଜେଲ୍ ରେ । ତା' ରୋଗାକ୍ରାନ୍ତ ସ୍ତ୍ରୀ ଡାକ୍ତରଖାନା ଖଟିଆରେ ଏବେ ଛଟପଟ ହେଉଛି । ତୃତୀୟ ଭକ୍ତ ଜଣକ ସନ୍ଦେହରେ ଜେଲ ଯାଇଥିଲେ ଭଲ ହୋଇଥାନ୍ତା । ତା' ଜୀବନ ସୁରକ୍ଷିତ ରହିଥାନ୍ତା । ଏବେ ସମୁଦ୍ରରେ ସୁନାମି । ତା' ଜାହାଜଟି ଓଲଟି ଯିବା ଉପରେ । ମରଣ ସହିତ ଏବେ ସେ ସଂଗ୍ରାମ ରତ ।

ଏସବୁ ଶୁଣି ପୂଜକର ହୋସ ଉଡ଼ିଗଲା । କିଛି ସମୟ ପରେ ପୂର୍ବ ଦିନର ଜିଜ୍ଞାସୁ ଯୁବକ ଟି ଉତ୍ତର ପାଇବା ପାଇଁ ପହଂଚି ଯିବାରୁ ପୂଜକ ଜଣକ ଭଗବାନ ସବୁବେଳେ କାହିଁକି ଚୁପ ରୁହନ୍ତିର ମାର୍ମିକ ଉତ୍ତର ବତାଇ ଦେଲା ।


*–ପ୍ରିନ୍ସିପାଲ, ଆପେକ୍ସ ଆଇ ଟି ଆଇ,*
*ପତ୍ରକଣା, କସର୍ଦା, କଟକ*
*ମୋ – ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଓଡିଆ ଜାତୀୟତା

**ନିବେଦିତା ମହାନ୍ତି, ଅନୁବାଦ–ସୁଭାଷ ଶତପଥୀ**
**ପ୍ରକାଶକ–କେତକୀ ଫାଉଣ୍ଡେଶନ ଟ୍ରଷ୍ଟ**
**ଆଇଆର୍‌ସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର–୧୫**
**ମୂଲ୍ୟ–୮୦୦ଟଙ୍କା**

'ଓଡିଆ ଜାତୀୟତା' ପୁସ୍ତକଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏକ ପୂର୍ଣ୍ଣାଙ୍ଗ ପ୍ରୟାସ । ଏହାକୁ ଇଂଲିଶରେ ଲେଖିଛନ୍ତି ନିବେଦିତା ମହାନ୍ତି । ଓଡ଼ିଆ ଅନୁବାଦ କରିଛନ୍ତି ସୁଭାଷ ଶତପଥୀ। ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ବ୍ରିଟିଶ୍ ଅଧିକାରର ମାତ୍ର ଅର୍ଦ୍ଧଶତାବ୍ଦୀରୁ ଅଳ୍ପ କିଛି ବର୍ଷ ଉତ୍ତାରୁ ୧୮୬୬ରେ ଓଡ଼ିଆ ଜାତୀୟତାର ସ୍ୱର ଶୁଭିଥିଲା । ମାତ୍ର ବିଡ଼ମ୍ବନାର ବିଷୟ ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ଏହି କ୍ଷେତ୍ରକୁ ଅସ୍ତବ୍ୟସ୍ତ କରି ପକାଇଲା । ଏଥିରେ ଅନେକ ଲୋକଙ୍କ ପ୍ରାଣହାନୀ ଘଟିବା ସହ ବହୁ ଲୋକଙ୍କୁ ଅସହ୍ୟ




ଦୁଃଖ କଷ୍ଟ ସହିବାକୁ ପଡିଥିଲା। ତଥାପି ଓଡ଼ିଆମାନଙ୍କ ମନରୁ ଜାତୀୟ ଭାବ ବର୍ତ୍ତି ରହିଥିଲା। ଆଉ ୧୯୩୬ରେ ଓଡ଼ିଆ ଭାଷାଭାଷୀ କ୍ଷେତ୍ରକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥିଲା। ୧୮୬୬–୧୯୩୬ ଏହି ୭ଦଶନ୍ଧି କାଳଖଣ୍ଡ ମଧ୍ୟରେ ଘଟିଥିବା ବିଭିନ୍ନ ପ୍ରମୁଖ ଘଟଣାବଳୀ ହିଁ ଏହି ଗବେଷଣାତ୍ମକ ଗ୍ରନ୍ଥର ମୁଖ୍ୟ ଉଦ୍ଦେଶ୍ୟ। ପୁସ୍ତକଟି ଓଡ଼ିଆ ଜାତୀୟତାର ଏକ ଚମତ୍କାର ଗବେଷଣା ଗ୍ରନ୍ଥ ।

### ସର୍ବଦେବମୟ ଶ୍ରୀଜଗନ୍ନାଥ

**ମହୀମୋହନ ତ୍ରିପାଠୀ**
**ଶିଶୁ କଲମ, ଶହୀଦ ନଗର**
**ଭୁବନେଶ୍ୱର–୭, ମୂଲ୍ୟ–୩୦୦ଟଙ୍କା**

'ସର୍ବଦେବମୟ ଶ୍ରୀଜଗନ୍ନାଥ' ମହୀମୋହନ ତ୍ରିପାଠୀଙ୍କ ଜଗନ୍ନାଥଙ୍କ ଉପରେ ଲିଖିତ ଏକ ଅନନ୍ୟ ପୁସ୍ତକ। ଏଥିରେ ଲେଖକଙ୍କ ସାକ୍ଷାତ୍କାରକୁ ନେଇ ୬୭ଟି ବିଷୟ ସ୍ଥାନୀତ ହୋଇଛି । ବହିଟିର ଯେକୌଣସି ବିଷୟକୁ ଜଣେ ପଢିବ ତାକୁ ଶେଷ ନ କଲେ ଅପୂର୍ଣ୍ଣ ଭଳି ଲାଗିବ । ଏଥିରେ ଜଗନ୍ନାଥଙ୍କ ସଂସ୍କୃତି, ତାଙ୍କ ମହିମା ଏବଂ ଅନ୍ୟ ସମସ୍ତ ବିଷୟରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ଲେଖକ ତ୍ରିପାଠୀ ଦୀର୍ଘ ବର୍ଷ ଧରି ଶ୍ରୀମନ୍ଦିର ପ୍ରଶାସକ



ଭାବେ କାର୍ଯ୍ୟକରି ଅନେକ ଉପାଦେୟ ଏବଂ ଅଜଣା କଥାକୁ ପୁସ୍ତକରେ ସ୍ଥାନୀତ କରିଛନ୍ତି। ଉତ୍କଳ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା, ହସ୍ତଶିଳ୍ପ, ସଙ୍ଗୀତ, ନୃତ୍ୟ, ନାଟକ, ସାମାଜିକ ଚଳଣି ଓ ଲୋକ ଚରିତ୍ର ସବୁରି ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଭାବ ସୁସ୍ପଷ୍ଟ । ଉତ୍କଳ ସଂସ୍କୃତିର ଅନ୍ୟନାମ ଜଗନ୍ନାଥ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁରି ଭିତରେ ସେହି ପରମାତ୍ମା ବିଦ୍ୟମାନ । ତେଣୁ ଏହା ଜଗନ୍ନାଥଙ୍କ ଉପରେ ଏକ ଉପାଦେୟ ଓ ତଥ୍ୟ ସମ୍ବଳିତ ପୁସ୍ତକ ।

### ପ୍ରୀତିଲେଖା


**ଭରତ ଚନ୍ଦ୍ର ଦାଶ**
**ପ୍ରକାଶକ–ଦିବ୍ୟ ପ୍ରକାଶନୀ**
**ସାମନ୍ତରାପୁର, ଭୁବନେଶ୍ୱର–୨**
**ମୂଲ୍ୟ–୧୨୦ଟଙ୍କା**

'ପ୍ରୀତିଲେଖା'ରେ ୧୪୦ଟି କବିତା ପ୍ରକାଶିତ ହୋଇଛି। ସବୁ କବିତାଗୁଡିକ ଏକପଦୀ। କବିଙ୍କ ଲେଖା କହେ, ପ୍ରେମ ଅଛି ବୋଲି ସ୍ୱପ୍ନ ଅଛି । ସ୍ୱପ୍ନ ଅଛି ବୋଲି ତ ମନଟିଏ ଅଛି। ସେ ଲେଖିଛନ୍ତି, ମନ ଆକାଶରେ ପ୍ରିୟତମ ସ୍ମୃତି/ପ୍ରଣୟ ମଧୁରେ ଭାସେ/ଉଲ୍ଲସିତ ପ୍ରାଣେ ମାନସପଟରେ/ ନିରନ୍ତର ପ୍ରୀତି ରସେ। ସେହି ମନ ହିଁ ଗଢି ତୋଳିଛି କବିର ପ୍ରୀତି ବିଭୋର ହୃଦୟ। ସରଳ ଶବ୍ଦ ସଂଯୋଜନା, ଉଚ୍ଚ କୋଟୀର ଭାଷା ବିନ୍ୟାସ ଏଇ ଏକପଦୀଗୁଡିକୁ କରିଛି ପ୍ରାଣସ୍ପର୍ଶୀ । ଉତ୍ତର ଆଧୁନିକ ପଦ୍ୟ ସାହିତ୍ୟରେ କବିଙ୍କ ପ୍ରେମ, ପ୍ରଣୟ ଓ ପ୍ରତ୍ୟୟକୁ ସମସ୍ତ ଏକପଦୀ ଉଚ୍ଚକୋଟିର ଓ ସୁଖପାଠ୍ୟ। ଏହା ନିଶ୍ଚୟ ପାଠକ ପ୍ରାଣରେ ପୁଲକ ସୃଷ୍ଟି କରିବା ସହ ମନକୁ ବାନ୍ଧି ରଖିବ। ପୁସ୍ତକଟି ସବୁ ବର୍ଗର ପାଠକଙ୍କୁ ନିଶ୍ଚୟ ଆନନ୍ଦ ଦେବ ଏଥିରେ ସନ୍ଦେହ ନାହିଁ ।



# ଅଙ୍ଗୁର ତାଜା ରଖିବାର ପ୍ରାଚିନ ପ୍ରଣାଳୀ

**ଆ**ଜିର ମଣିଷ ଭାବୁଛି ଅନେକ ବଡ଼ ବଡ଼ ଆବିଷ୍କାର କରି ସେ ଉପଲବ୍ଧି ହାସଲ କରିଛି। କିନ୍ତୁ ପ୍ରାଚିନ ଯୁଗର ମଣିଷ ଅଧିକ ବୁଦ୍ଧିମାନ ଥିଲେ। ସେମାନେ ଏମିତି ଅନେକ କିଛି ଆବିଷ୍କାର କରିଛନ୍ତି, ଯାହା ଆଜିର ଆଧୁନିକ ମଣିଷ ପାଇଁ ପ୍ରହେଳିକା ହେଇ ରହିଛି। ଏଇ ଯେମିତି ଆଗରୁ ଫ୍ରିଜ୍ ନ ଥିଲା। ତେବେ ସେମାନେ କିଭଳି ଖାଦ୍ୟ ତାଜା ରଖୁଥିଲେ ତା'ର ଏକ ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ପୁରୁଣା ସମୟରେ ଅଙ୍ଗୁରକୁ ବର୍ଷ ବର୍ଷ ଧରି କିଭଳି ତାଜା ରଖାଯାଉଥିଲା ଦେଖିବାକୁ ମିଳେ। ଅଙ୍ଗୁରକୁ ତାଜା ରଖିବାର ଏହି ଉପାୟ ଆଫଗାନିସ୍ତାନର। ପ୍ରାଚୀନ ସମୟରେ ସେମାନେ ଅଙ୍ଗୁରକୁ ମାଟି ପାତ୍ରରେ ରଖି ତାକୁ ମାଟିର ପରସ୍ତରେ ଘୋଡାଇ ସିଲ୍ କରି ଦେଉଥିଲେ। ଏହାଦ୍ୱାରା ଅଙ୍ଗୁର ଏକ ବର୍ଷ, କେବେ କେବେ ତ ବର୍ଷ





ବର୍ଷ ତାଜା ରହୁଥିଲା। ଭିଡିଓରେ ମାଟିର ଗୋଲ ଗୋଲ ଡିସ୍କ ପରି କିଛି ଦେଖିବାକୁ ମିଳେ। ଯାହାକୁ ଫଟାଇଲେ ଭିତରେ ତାଜା ଅଙ୍ଗୁର ପେଣ୍ଡା ମିଳେ। ଅନେକ ଲୋକ ଏହି ପଦ୍ଧତିକୁ ବେଶ ପସନ୍ଦ କରିଛନ୍ତି। ଆଉ ଏହା ପ୍ରାକୃତିକ ଓ ଶରୀର ପାଇଁ ଅନୁକୂଳ ବୋଲି ବି ମତ ଦେଇଛନ୍ତି।



ବ୍ୟାକ୍ ପେଜ୍


# ଦେଖିଛନ୍ତି ଏମିତି ସାଇକେଲ୍



**କା**ହିଁ କେଉଁ କାଳରୁ ସମସ୍ତେ ଜାଣନ୍ତି ଚକର ଆକାର ଗୋଲ। ଏହି ଆକାର ପାଇଁ ହିଁ ଯେକୌଣସି ବାହାନ ଖୁବ ସହଜରେ ଦ୍ରୁତ ଗତିରେ ଯାଇପାରେ। ଅନ୍ୟକୌଣସି ଆକାରର ଚକ ହେଲେ ଗାଡି ଭଲରେ ଯାଇପାରେନା।



ହେଲେ ଜଣେ ବ୍ୟକ୍ତି ଚକ ସହ ଅନେକ ଗବେଷଣା କରି ତିଆରି କରିଛନ୍ତି ଏକ ଅଜବ ଆକାରର ଚକ। ସେହି ଚକକୁ ସାଇକେଲରେ ବ୍ୟବହାର କରିଛନ୍ତି। ଆଉ ଆଶ୍ଚର୍ଯ୍ୟର କଥା ସେହି ସାଇକେଲ ବେଶ୍ ଭାବେ ଚାଲୁଛି ମଧ୍ୟ। ଯାହା ଏବେ ସମସ୍ତଙ୍କୁ ବେଶ୍ ଚକିତ କରୁଛି। ମିଷ୍ଟର କ୍ୟୁ ନାମକ ଜଣେ ୟୁଟ୍ୟୁବର୍ ଚାରିକୋଣିଆ ଚକ ଥିବା ଏକ ସାଇକେଲ ତିଆରି କରିଛନ୍ତି। ଏହି ସାଇକେଲ ବେଶ୍ ଆରାମ୍‌ରେ ସାଧାରଣ ସାଇକେଲ ପରି ଚାଲିପାରୁଛି। ତେଣୁ ଏହାର ଭିଡିଓ ଦେଖି ଲୋକଙ୍କ ଆଶ୍ଚର୍ଯ୍ୟର ସୀମା ନାହିଁ। ହେଲେ ଏହା କେମିତି ସମ୍ଭବ? ପ୍ରକୃତ କଥା ହେଉଛି ଏହି ସାଇକେଲର ଚକ ଘୁରି ନ ଥାଏ ବରଂ ଚକ ଉପରେ ତଥା ଚକ ଚାରିପଟେ ଥିବା ରବର୍‌ର ଟାୟାର୍ ଘୁରିଥାଏ। ଯାହା ଦ୍ୱାରା ସାଇକେଲ ବିନା ଝଟ୍‌କାରେ ସଡକରେ ଚାଲିପାରେ। ଯଦିଓ ସାଧାରଣ ସାଇକେଲ ପରି ଏହା ବେଶ୍ ଦ୍ରୁତ ଗତିରେ ଚାଲିପାରେ ନାହିଁ। ହେଲେ ଚାରିକୋଣିଆ ଚକ ଥିବା ସତ୍ତ୍ୱେ ଏହା ଗତିଶୀଳ ଓ ଯେକେହି ଏହାକୁ ବେଶ୍ ଆରାମ୍‌ରେ ଚଲାଇପାରିବେ। ଏଭଳି ଅଜବ ଉଦ୍ଭାବନକୁ କିଏ ପସନ୍ଦ କରୁଛନ୍ତି ତ କିଏ ନା ପସନ୍ଦ କରୁଛି। ହେଲେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଭ୍ୟୁ ଏହି ଭିଡିଓକୁ ମିଳିସାରିଲାଣି।



# ରୋବୋ ଜଜ୍

**ଦେ**ଶରେ କୋର୍ଟର ସ୍ଥାନ ବହୁତ ଉପରେ। ଏହାର ସରକାରଙ୍କୁ ନିର୍ଦ୍ଦେଶ ଦେବାର ଶକ୍ତି ଥାଏ। କୋର୍ଟର ଫଇସଲାକୁ ସମସ୍ତେ ମାନିବାକୁ ବାଧ୍ୟ। ତେବେ କୋର୍ଟକୁ ଆସୁଥିବା ମାମଲାକୁ ଦୁଇଜଣ ଓକିଲ ଲଢନ୍ତି। ଜଣେ ମାମଲାର ପକ୍ଷରେ ଲଢନ୍ତି ତ ଅନ୍ୟଜଣଙ୍କ ମାମଲା ବିପକ୍ଷରେ ଲଢନ୍ତି। ଉଭୟଙ୍କ ଦଲିଲ ଶୁଣିବା ପରେ ଜଜ୍ ନିଷ୍ପତ୍ତି ନିଅନ୍ତି। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଧନୀକ ବ୍ୟକ୍ତିମାନେ ଜଜ୍ ଓ ଓକିଲଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ରାୟକୁ ନିଜ ସପକ୍ଷରେ କରାଇ ନିଅନ୍ତି। କେବେ କେବେ ଏମିତି ବି ହୁଏ ଜୀବନ ଭୟରେ ଜଜ୍ ଓ ଓକିଲ ଦୋଷୀ ସପକ୍ଷରେ ଯିବାକୁ ବାଧ୍ୟ ହୁଅନ୍ତି। ହେଲେ ଖୁସିର ଖବର ଏଭଳି ଘଟଣା ଆଗକୁ ଆଉ ଘଟିବ ନାହିଁ। କାରଣ ଖୁବ୍ ଶୀଘ୍ର ଜଜ୍ ଓ ଓକିଲଙ୍କ ସ୍ଥାନରେ ବସିବେ ରୋବୋ। ଆଉ ସମସ୍ତେ ଜାଣନ୍ତି ଯେ, ମେସିନ୍ ଲାଞ୍ଚ ନିଏ ନାହିଁ କି ତାକୁ କାହାର ଭୟ ନ ଥାଏ। ଅନେକ ଆଇନ ବିଶେଷଜ୍ଞ ଏହାକୁ ସ୍ୱାଗତ କରିଛନ୍ତି। ସେମାନଙ୍କ ମତରେ ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ମଣିଷଠୁ ଭଲ ନିଷ୍ପତି ନେଇପାରିବେ। ସେମାନେ କୌଣସି ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବେନି। ଏବେ ୟୁକେର କୋର୍ଟରେ ପ୍ରଥମ କରି ଏହାର ଟ୍ରାଏଲ କରାଯାଉଛି। ଏହାପରେ ଅନ୍ୟଦେଶ ବି ଏହାକୁ ଆପଣେଇବେ। ଅନେକେ ଏହି ରୋବୋ ଜଜ୍ ଓ ଓକିଲକୁ ବିରୋଧ ବି କରୁଛନ୍ତି।